ଓଡ଼ିଶା ସରକାର



# ବଜେଟ୍
## ୨୦୧୬-୧୭
## ସାଧାରଣ
### ଦ୍ୱିତୀୟ ଭାଗ

**ଶ୍ରୀ ପ୍ରଦିପ କୁମାର ଅମାତ**
ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ

୧୮ ମାର୍ଚ୍ଚ ୨୦୧୬

**ମାନ୍ୟବର ବାଚସ୍ପତି ମହୋଦୟ୍ !**

ମୁଁ ବର୍ତ୍ତମାନ ସାଧାରଣ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛି ।

2. **ପ୍ରସଙ୍ଗ**

2.1 ଓଡିଶା 1936 ମସିହା ଅପ୍ରେଲ ପହିଲାରେ ଆତ୍ମ ପ୍ରକାଶ କଲା । ଏହା ଥିଲା ଓଡିଆ ଭାଷାକୁ ସଗର୍ବେ ଉଚ୍ଚାରଣ କରୁଥିବା ନିୟୁତ ନିୟୁତ ଲୋକଙ୍କ ସ୍ୱପ୍ନ ସାକାର ହେବାର ଏକ ଶୁଭ ମୂହୁର୍ତ୍ତ । ଓଡିଶା ବଜେଟ୍ ଉପସ୍ଥାପନର ୫0 ବର୍ଷର ସ୍ମାରକୀ ଅବସରରେ ଆମେ ରାଜ୍ୟ ଗଠନ ହେବା ଦିନ ଠାରୁ ବଜେଟ୍ ସମ୍ବନ୍ଧରେ ଆଲେଖ୍ୟ ଗୁଡିକୁ ସଂଗ୍ରହ କରି ଏକ ଅଭିଲେଖା ଦସ୍ତାବିଜ ତିଆରି ପାଇଁ ଉଦ୍ୟମ ଆରମ୍ଭ କରିଛୁ । ଆମେ ମଧ୍ୟ ବଜେଟ୍ ଅଭିଭାଷଣ ଗୁଡିକୁ ସଂଗ୍ରହ କରି ଆମ ୱେବସାଇଟ୍‌ରେ ରଖିଅଛୁ । ଏହି ଅବସରରେ Odisha Review ଏବଂ ଉତ୍କଳ ପ୍ରସଙ୍ଗ ର ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ ପାଇଁ ଆମେ ଯୋଜନା କରୁଛୁ ।

3. **ବଜେଟ୍ ଉପସ୍ଥାପନର କାର୍ଯ୍ୟକ୍ରମ ସୂଚୀରେ ପରିବର୍ତ୍ତନ**

3.1 ପୂର୍ବରୁ କେନ୍ଦ୍ର ବଜେଟ୍ ଉପସ୍ଥାପନ ହେବା ପୂର୍ବରୁ ରାଜ୍ୟ ସରକାର ବିଧାନସଭାରେ ବଜେଟ୍ ଉପସ୍ଥାପନ କରୁଥିଲେ । ବର୍ତ୍ତମାନ କେନ୍ଦ୍ର ବଜେଟ୍‌ରେ ପ୍ରତିଫଳିତ ହେଉଥିବା କେନ୍ଦ୍ର ଟିକସରୁ ରାଜ୍ୟର ଅଂଶ ଏବଂ ରାଜ୍ୟର ବାର୍ଷିକ ଯୋଜନା ପାଇଁ ସହାୟତାକୁ ହିସାବକୁ ନେଇ ରାଜ୍ୟ ବଜେଟ୍ ଅଟକଳ ପ୍ରସ୍ତୁତ କରିବା ଆବଶ୍ୟକ ହେଉଛି । ଏହାଦ୍ୱାରା

ବଜେଟ୍ ଅଟକଳ ସଠିକ୍ ହୋଇପାରିବ । ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ 2016 ଫେବୃୟାରୀ ପହିଲାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ହୋଇଥିବା ନିଷ୍ପତ୍ତିକ୍ରମେ କେନ୍ଦ୍ର ବଜେଟ୍ ଉପସ୍ଥାପନ ପରେ ରାଜ୍ୟ ବଜେଟ୍ ଉପସ୍ଥାପନ କରିବାକୁ ସ୍ଥିର ହେଲା ।

ଏହି ଉପକ୍ରମ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବାଚସ୍ପତି, ମାନ୍ୟବର ବିରୋଧୀ ଦଳର ନେତା ଏବଂ ସବୁ ଦଳର ନେତାମାନଙ୍କୁ ଧନ୍ୟବାଦ ଜଣାଉଛି ।

3.2 ଆର୍ଥିକ ବର୍ଷ ଶେଷସୁଦ୍ଧା ବିଭାଗୀୟ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ଅନୁଦାନ ଦାବୀକୁ ଯାଞ୍ଚ, ଅନୁଦାନ ଦାବୀ ଓ ସମ୍ପୂର୍ଣ୍ଣ ବଜେଟ୍ ପାଇଁ ସମାୟୋଜନ ବିଲ୍ (Appropriation Bill) କୁ ମଞ୍ଜୁରୀ ସହ ଆଇନ ପ୍ରଣୟନ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସମ୍ଭବ ନୁହେଁ । ସୁତରାଂ ବାର୍ଷିକ ବଜେଟ୍‌ରେ ହୋଇଥିବା ବ୍ୟବସ୍ଥାର ଏକ ଷଷ୍ଠାଂଶ ବଜେଟ୍ ଉପରେ ସାଧାରଣ ଆଲୋଚନା ପରେ ଲେଖାନୁଦାନ ଆକାରରେ ଆମେ ବିଧାନସଭାର ମଞ୍ଜୁରୀ ନେବୁ । ଏହାଦ୍ୱାରା ଆଗାମୀ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ଚାଲୁରହିଥିବା ଯୋଜନା ଏବଂ ପ୍ରତିଷ୍ଠାନ ଖର୍ଚ୍ଚ ତୁଲାଇବାରେ କିଛି ଅସୁବିଧା ହେବନାହିଁ । ବ୍ୟବଧାନ ସମୟରେ ବିଭାଗୀୟ ସ୍ଥାୟୀ କମିଟି (Departmentally Related Standing Committee) ଅନୁଦାନ ଦାବୀକୁ ଯାଞ୍ଚ କଲା ପରେ ବାର୍ଷିକ ବଜେଟ୍, 2016 ମେ ମାସରେ ମଞ୍ଜୁରୀ ଲାଭ କରିବ ।

## 4. ଜନସାଧାରଣଙ୍କ ବଜେଟ୍

4.1. ବଜେଟ୍‌ର ଅନ୍ତର୍ଭୁକ୍ତିକରଣ ପାଇଁ ଆମେ ବିଗତ 4 ବର୍ଷ ଧରି ସମାଜର ବିଭିନ୍ନ ବର୍ଗ ଯଥା ବିଶେଷଜ୍ଞ, ବ୍ୟବସାୟୀ ତଥା ଶିଳ୍ପଦ୍ୱୋଗୀଙ୍କ ପ୍ରତିନିଧି ଏବଂ କୃଷକ ମାନଙ୍କ ସହିତ ପ୍ରାକ୍ ବଜେଟ୍ ପରାମର୍ଶ କରୁଛୁ ।

4.2 ଏହି ପରାମର୍ଶ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ଆମେ ଏକ ଉତ୍ସର୍ଗୀକୃତ ୱେବ୍ ପୋର୍ଟାଲ ଜରିଆରେ ନିର୍ଦ୍ଧାରିତ ଫର୍ମରେ, ଇ-ମେଲ୍ ଓ ଏସ୍. ଏମ୍. ଏସ୍ ମାଧ୍ୟମରେ ମତାମତ ଆହ୍ୱାନ କରିଥିଲେ । ଏହି ସୁବିଧା 15 ଦିନ ପାଇଁ ଅର୍ଥାତ୍, 2016 ଜାନୁୟାରୀ ପହିଲା ଠାରୁ ପନ୍ଦର ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ଥିଲା ।

4.3 ଆମେ ଲୋକମାନଙ୍କ ଠାରୁ ପରାମର୍ଶ ଚାହୁଁଥିଲୁ ଓ ସେମାନେ ମଧ୍ୟ ପରାମର୍ଶ ଦେଲେ । ଏହି କ୍ରମରେ ଆମେ ସର୍ବୋମୋଟ 1666 ପରାମର୍ଶ ବିଭିନ୍ନ ଲୋକଙ୍କଠାରୁ ପାଇଥିଲୁ । ଏହି ପରାମର୍ଶ ବିଭିନ୍ନ କ୍ଷେତ୍ର ଯଥା ଅଗ୍ରାଧୀକାର କ୍ଷେତ୍ରରେ ବ୍ୟୟ ବରାଦ, ରାଜସ୍ୱ ଅଭିବୃଦ୍ଧି, ସାଧାରଣ ସେବା ପ୍ରଦାନ, ନୂତନ ପଦ୍ଧତି, ବ୍ୟବସାୟ ଓ ଅର୍ଥନୈତିକ ବାତାରଣରେ ଉନ୍ନତି ଏବଂ ସରକାରୀ ଖର୍ଚ୍ଚରେ ଗୁଣବତ୍ତା ପ୍ରଦାନ ଉପରେ ଆଧାରିତ ଥିଲା ।

4.4 ଏତଦ୍‌ବ୍ୟତୀତ 2016 ଜାନୁୟାରୀ ଏକୋଇଶ ଓ ବାଇଶ ତାରିଖରେ ଦୁଇଦିନ ଧରି ସମାଜର ବିଭିନ୍ନ ବର୍ଗର ଲୋକ ଯଥା ବିଶେଷଜ୍ଞ, ନାଗରିକ ସମାଜ, ବ୍ୟବସାୟୀ ଏବଂ ଶିଳ୍ପ ସଂସ୍ଥାର ପ୍ରତିନିଧି ଓ ଉତ୍ପାଦନକାରୀ ସଂସ୍ଥା ମାନଙ୍କ ସହିତ ପ୍ରାକ୍ ବଜେଟ୍ ବିଚାର ବିମର୍ଷ

କରାଯାଇଛି । ଏହି ପ୍ରକ୍ରିୟାରେ ଅନେକ ଗୁଡିଏ ମୂଲ୍ୟବାନ ପରାମର୍ଶକୁ ବଜେଟ୍ ପ୍ରସ୍ତୁତି ବେଳେ ବିଚାରକୁ ନିଆଯାଇଛି ।

## 5. ଅର୍ଥନୀତିର ସ୍ଥୂଳ ଦୃଶ୍ୟପଟ୍ଟ

5.1 ଭାରତ ସରକାରଙ୍କ ଦ୍ୱାରା ଆଗତ ଅର୍ଥନୈତିକ ସର୍ଭେରେ 2015-16 ଆର୍ଥିକ ବର୍ଷ ପାଇଁ ଅଗ୍ରୀମ ଅଟକଳ ଅନୁଯାୟୀ ଅଭିବୃଦ୍ଧି ହାର 7.6 ପ୍ରତିଶତ ବୋଲି ଆକଳନ କରାଯାଇଛି । କିନ୍ତୁ ଆଗାମୀ ଆର୍ଥିକ ବର୍ଷ ପାଇଁ ଅଭିବୃଦ୍ଧି ହାର 7.0 ପ୍ରତିଶତରୁ 7.5 ପ୍ରତିଶତରେ ରହିବ ବୋଲି ଆଶା କରାଯାଉଛି । ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟଙ୍କ ଅଗ୍ରୀମ ଅଟକଳ ଅନୁସାରେ 2015-16 ଆର୍ଥିକ ବର୍ଷରେ ରାଜ୍ୟର ବାସ୍ତବ ଅଭିବୃଦ୍ଧି 6.16 ପ୍ରତିଶତ ଥିବାବେଳେ ସାଧାରଣ ଅଭିବୃଦ୍ଧି 7.27 ପ୍ରତିଶତ ହେବ ।

5.2 ଚତୁର୍ଦ୍ଦଶ ଅର୍ଥ କମିଶନ ଆଧାରରେ ବିଗତ ତିନି ବର୍ଷରେ ରାଜ୍ୟ ହାରାହାରି ଘରୋଇ ଉତ୍ପାଦର ଅଭିବୃଦ୍ଧି ହାରର ରାଜ୍ୟର ଋଣ ସୀମା ନିର୍ଦ୍ଧାରଣ ପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ସ୍ଥିର କରିଛନ୍ତି ।

5.3 ଚତୁର୍ଦ୍ଦଶ ଅର୍ଥ କମିଶନଙ୍କର ଏହି ପ୍ରଣାଳୀ ଅବଲମ୍ବନ କରି ଆମ ରାଜ୍ୟର ଘରୋଇ ଉତ୍ପାଦ 2016-17 ଆର୍ଥିକ ବର୍ଷରେ 3,83,228 କୋଟି ଟଙ୍କା ହେବ ବୋଲି ଆକଳିତ ହୋଇଛି । ଏହା ବର୍ଷ ଯାକର ଋଣ ସୀମାକୁ ଧାର୍ଯ୍ୟ କରିବା ପାଇଁ ବ୍ୟବହୃତ ହେବ । ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଅଧିନିୟମ, 2005 ଅନୁସାରେ ସମସ୍ତ ଆର୍ଥିକ ସୂଚକାଙ୍କ ଏହାକୁ ନେଇ ଅନୁମାନ କରାଯାଇଛି ।

## 6. ରାଜ୍ୟରେ ଆର୍ଥିକ ପରିଚାଳନାର ମୂଖ୍ୟାଂଶ

6.1 ରାଜ୍ୟ ସରକାର 2005-06 ଆର୍ଥିକ ବର୍ଷରେ ରାଜ୍ୟ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଅଧିନିୟମ ପ୍ରଣୟନ କରିଛନ୍ତି । ସେବେଠାରୁ ଏ ଅଧିନିୟମରେ ଧାର୍ଯ୍ୟ ହୋଇଥିବା ସମସ୍ତ ଆର୍ଥିକ ସୂଚକାଙ୍କ ହାସଲ କରିବାରେ ରାଜ୍ୟ ସମର୍ଥ ହୋଇଛି ।

6.2 ରାଜ୍ୟର ଆର୍ଥିକ ସ୍ଥିତିକୁ ବିଜ୍ଞତାର ସହ ପରିଚାଳନା କରିବା ଦ୍ୱାରା ପ୍ରତିବଦ୍ଧ ଖର୍ଚ୍ଚ ଯଥା ଦରମା, ପେନ୍ସନ୍ ଏବଂ ସୁଧଦେୟ ନିଜ ରାଜସ୍ୱ ମଧ୍ୟରେ 2011-12 ଆର୍ଥିକ ବର୍ଷ ଠାରୁ ଭରଣା କରାଯାଇ ପାରୁଛି । ଏହା ଭିତ୍ତିଭୂମି ସାମାଜିକ ଏବଂ ମାନବ ସମ୍ବଳରେ ନିବେଶ ପାଇଁ ଅଧିକ ଆର୍ଥିକ ବ୍ୟବସ୍ଥାର ସୁଯୋଗ ସୃଷ୍ଟି କରିଛି । ରାଜ୍ୟ ଯୋଜନା ଅଟକଳ 2007-08 ଆର୍ଥିକ ବର୍ଷରେ 5105 କୋଟି ଥିବାବେଳେ 2015-16 ବଜେଟ ଅଟକଳ ଅନୁସାରେ 8 ବର୍ଷ ମଧ୍ୟରେ ଯୋଜନା ଅଟକଳ 8 ଗୁଣା ବୃଦ୍ଧି ପାଇ 40150 କୋଟି ଟଙ୍କାରେ ପହଞ୍ଚିଲାଣି । ସେହିପରି 2007-08 ଆର୍ଥିକ ବର୍ଷରେ ପୁଞ୍ଜି ଅଟକଳ 2843 କୋଟି 41 ଲକ୍ଷ ଟଙ୍କା ଥିବାବେଳେ 2015-16 ଆର୍ଥିକ ବର୍ଷ ବଜେଟ ଅଟକଳ ଅନୁସାରେ 15149 କୋଟି 7 ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି ।

6.3 ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତା ଏବଂ ଜାତୀୟ ଅର୍ଥନୀତିରେ ସୀମିତ ଅଭିବୃଦ୍ଧି ସତ୍ତ୍ୱେ 2015-16 ଆର୍ଥିକ ବର୍ଷର ପ୍ରଥମ ତିନୋଟି ତ୍ରୈମାସ ମଧ୍ୟରେ ରାଜ୍ୟ ନିଜ ରାଜସ୍ୱରେ ଆଖି ଦୃଶିଆ ଅଭିବୃଦ୍ଧି ଅର୍ଥାତ୍ 20 ପ୍ରତିଶତରୁ ଅଧିକ ହୋଇଛି । ସେହି ସମୟ ମଧ୍ୟରେ ରାଜ୍ୟ ଯୋଜନା ପାଇଁ ମିଳୁଥିବା କେନ୍ଦ୍ରୀୟ ସହାୟତା ମଧ୍ୟ

ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି । ସେହିପରି, ଚତୁର୍ଦ୍ଦଶ ଅର୍ଥ କମିଶନ କେନ୍ଦ୍ରୀୟ ଟିକସ ବାବଦରେ ଓଡିଶା ପାଇଁ ଅନୁମୋଦନ କରିଥିବା ଅଂଶ ତୁଳନାରେ କେନ୍ଦ୍ର ବଜେଟ୍ ର ସଂଶୋଧିତ ଅଟକଳରେ ବହୁ ଅଧିକ ହ୍ରାସ ପାଇଛି । ଏତଦ୍‌ବ୍ୟତୀତ କେନ୍ଦ୍ରୀୟ ବିକ୍ରି ଟିକସ ଜନିତ କ୍ଷତି ଭରଣା ବର୍ଷ ମଧ୍ୟରେ ଠିକ୍ ସମୟରେ ରାଜ୍ୟକୁ ମିଳୁନାହିଁ । ଏସବୁ ଘଟଣା 2015-16 ଆର୍ଥିକ ବର୍ଷରେ କେନ୍ଦ୍ରରୁ ରାଜ୍ୟକୁ ସମ୍ବଳ ହସ୍ତାନ୍ତରକୁ ପ୍ରଭାବିତ କରିଛି, ଯାହା ଆମ ରାଜସ୍ୱ ପ୍ରାପ୍ତିର 50 ପ୍ରତିଶତରୁ ଅଧିକ ଅଟେ ।

6.4. କେନ୍ଦ୍ରୀୟ ହସ୍ତାନ୍ତରର (Central Transfer) ବିଭିନ୍ନ ଅଂଶ ମଧ୍ୟରେ ପରିବର୍ତ୍ତନ (Compositional Shift) ଘଟିଛି । କେନ୍ଦ୍ରୀୟ ଟିକସ ବାବଦ ଅର୍ଥ ପରିମାଣ ବଢିଥିବା ବେଳେ ଯୋଜନା ଅନୁଦାନ ହ୍ରାସ ପାଇଛି । ଏହା ରାଜ୍ୟ ପାଇଁ ନିଟ୍ କ୍ଷତି ଅଟେ । ଆମେ ରାଜ୍ୟର ଏହି କ୍ଷତି ଭରଣା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ କରୁଛୁ ।

6.5 ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ମଧ୍ୟରେ ରାଜ୍ୟ ଯୋଜନାରେ କେନ୍ଦ୍ରୀୟ ସହାୟତା ହ୍ରାସ ପାଇଥିବା ସତ୍ତ୍ୱେ ଏହି ସମୟ ମଧ୍ୟରେ ରାଜ୍ୟ ଯୋଜନା ଖର୍ଚ୍ଚ 24761 କୋଟି 23 ଲକ୍ଷ ଟଙ୍କା ଅଟେ । ବିଗତ ବର୍ଷର ଏହି ଅବଧି ମଧ୍ୟରେ ଖର୍ଚ୍ଚ ପରିମାଣ 19381 କୋଟି 22 ଲକ୍ଷ ଟଙ୍କା ଥିଲା । ଏହି ଖର୍ଚ୍ଚର ଅଭିବୃଦ୍ଧି ହାର 28 ପ୍ରତିଶତ ଅଟେ ।

6.6. ରାଜ୍ୟ ସରକାର 2015-16 ଆର୍ଥିକ ବର୍ଷରେ 15149 କୋଟି 7 ଲକ୍ଷ ଟଙ୍କାର ପୁଞ୍ଜି ବ୍ୟୟ ଅଟକଳ କରିଛନ୍ତି; ଯାହା ସାମଗ୍ରୀକ ଘରୋଇ ଉତ୍ପାଦର 4.35 ପ୍ରତିଶତ ଅଟେ ଓ ଯଥେଷ୍ଟ ଅଧିକ ଅଟେ । ଏତଦ୍‌ବ୍ୟତୀତ 2015-16 ଆର୍ଥିକ ବର୍ଷର ଅତିରିକ୍ତ ବଜେଟରେ ଆଉ

3000 କୋଟି ଟଙ୍କାର ପୁଞ୍ଜି ବ୍ୟୟ ବରାଦ କରାଯାଇଛି । ପୁଞ୍ଜି ବ୍ୟୟ ପାଇଁ ଆବଶ୍ୟକୀୟ ଅର୍ଥ ଆଂଶିକ ଭାବେ ରାଜସ୍ୱ ହିସାବରେ ଉତ୍ପନ୍ନ ହେଉଥିବା ବଳକା ରାଜସ୍ୱରୁ ଏବଂ କିଛି ବାକୀ ଅର୍ଥ ଋଣ ଅଣାଯାଇ ଋଣ ଦ୍ୱାରା ଭରଣା କରାଯାଉଛି । ସୁତରାଂ ପୂର୍ବ ବର୍ଷ ଭଳି 2015-16 ଆର୍ଥିକ ବର୍ଷରେ ଅଧିକ ପୁଞ୍ଜି ବ୍ୟୟ ପାଇଁ ଆମେ ଖୋଲା ବଜାରରୁ ଋଣ ଆଣିଛୁ ।

6.7 ଆର୍ଥିକ ବର୍ଷ 2015-16 ର ସଂଶୋଧିତ ଅଟକଳ ଅନୁସାରେ ରାଜସ୍ୱ ବଳକା ୬୫୨୨ କୋଟି 2 ଲକ୍ଷ ଟଙ୍କା ଏବଂ ଆର୍ଥିକ ନିଅଣ୍ଟ ସାମଗ୍ରୀକ ଘରୋଇ ଉତ୍ପାଦର 2.୨୨ ପ୍ରତିଶତରେ ରହିବବୋଲି ଅଟକଳ କରାଯାଇଛି । ଟିକସ ଓ ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତ 6.53 ପ୍ରତିଶତ ଏବଂ ବର୍ଷ ଶେଷରେ ଋଣ-ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତ 15.75 ପ୍ରତିଶତରେ ରହିବ ବୋଲି ଆକଳନ କରାଯାଇଛି ।

## 7. 2016-17 ଆର୍ଥିକ ବର୍ଷର ବଜେଟ୍ ଅଟକଳ

7.1 2016-17 ବାର୍ଷିକ ବଜେଟ୍‌ର ମୂଖ୍ୟ ଦିଗ

7.1.1 ସରକାର ରାଜ୍ୟର ଭିତ୍ତିଭୂମି, ସାମାଜିକ ଏବଂ ମାନବ ସମ୍ବଳ କ୍ଷେତ୍ରରେ ଅଧିକ ନିବେଶ ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧିର ଅନ୍ତର୍ଭୁକ୍ତିକରଣ ଉପରେ ଗୁରୁତ୍ୱ ଦେଉଛନ୍ତି । ଆମେମାନେ ମଧ୍ୟ ଶିଳ୍ପ କ୍ଷେତ୍ରରେ ଶିଳ୍ପନୀତି ସଂଙ୍କଳ୍ପ 2015 (Industrial Policy Resolution - 2015) ଜରିଆରେ ଘରୋଇ ପୁଞ୍ଜି ନିବେଶ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛୁ । ବିଗତ ବର୍ଷ ମାନଙ୍କରେ ଅନେକ ଉନ୍ନୟନ

ମୂଳକ ଯୋଜନା ଓ ପ୍ରକଳ୍ପ ପ୍ରଣୟନ ହୋଇଛି । ସେଥିମଧ୍ୟରୁ କିଛି ସମ୍ପୂର୍ଣ୍ଣ ହୋଇଯାଇଛି ଓ ଅନ୍ୟଗୁଡିକ ଚାଲୁରହିଛି ।

7.1.2 ଆମେ ଏହି ବଜେଟ୍ ରେ ଚାଲୁରହିଥିବା ପ୍ରକଳ୍ପ ଗୁଡିକୁ ସଂଗଠିତ ଓ ସମ୍ପୂର୍ଣ୍ଣ କରିବା ପାଇଁ ଗୁରୁତ୍ୱ ଦେଉଛୁ । ଏହାଦ୍ୱାରା ଇପ୍‌ସିତ ସାମାଜିକ ଓ ଅର୍ଥନୈତିକ ସୁଫଳ ସାଧାରଣ ଜନତାଙ୍କ ପାଖରେ ପହଞ୍ଚିପାରିବ ।

7.1.3 ମୁଁ ମୋ ବଜେଟ୍ ଅଭିଭାଷଣର ପ୍ରଥମ ଭାଗରେ କହିସାରିଛି ଯେ ଏହି ବଜେଟ୍ ରେ ଜଳସେଚନ,କୃଷି, ଗ୍ରାମ୍ୟ ଉନ୍ନୟନ ଏବଂ ଆନୁସଙ୍ଗିକ ଜୀବିକାଧାରଣର ସୁବିଧା ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଆମେ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ବୃଦ୍ଧି ଦ୍ୱାରା ଶକ୍ତି ନିରାପତ୍ତା ସୃଷ୍ଟି, ସମସ୍ତଙ୍କୁ ବିଦ୍ୟୁତ୍ ଯୋଗାଣ ଏବଂ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାରେ ଗୁଣାତ୍ମକ ଉନ୍ନତି ଆଣିବା ଦିଗରେ ସର୍ବବିଧ ଉଦ୍ୟମ ଜାରି ରଖିଛୁ । ତଦନୁସାରେ ଆମେ ଶକ୍ତି କ୍ଷେତ୍ରରେ ଉନ୍ନୟନମୂଳକ ଯୋଜନାକୁ ଅଗ୍ରାଧୀକାର ଦେଉଛୁ ।

7.1.4 ରାଜ୍ୟର ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଲୋକଙ୍କୁ ସ୍ୱାସ୍ଥ୍ୟସେବା, ସମାଜର ନିଷ୍ପେସିତ ଗୋଷ୍ଠୀର ଉନ୍ନତି ଏବଂ ସମସ୍ତଙ୍କ ପାଇଁ ଶିକ୍ଷା ଏହି ବଜେଟ୍‌ର ଅନ୍ୟ ମୁଖ୍ୟ ଦିଗ ଅଟେ ।

7.1.5 ଏତଦ୍‌ବ୍ୟତୀତ, ଏହି ବଜେଟ୍‌ର ପରିଭାଷା ଏକାଭିମୂଖୀ ଅଟେ । ଆମେ ବଜେଟ୍ ବାହାରେ ଆସୁଥିବା ସମ୍ବଳ ଏବଂ ବଜେଟ୍ ସମ୍ବଳ ମଧ୍ୟରେ ସମ୍ମିଶ୍ରଣ ଏବଂ ବଜେଟ ମଧ୍ୟରୁ ବିଭିନ୍ନ ସମ୍ବଳର ଏକୀକୃତ ଫଳପ୍ରଦ ବିନିଯୋଗ ଉପରେ ଧ୍ୟାନ ଦେଉଛୁ ।

7.1.6 ବଜେଟ୍ ପ୍ରଣୟନରେ ଏକାଭିମୂଖୀ ଉଦ୍ଦେଶ୍ୟ ସାଧନ ପାଇଁ **"ଯୋଜନା ଓ ସମନ୍ୱୟ ବିଭାଗ"** କୁ **"ଯୋଜନା ଓ ସଂଯୋଜନା ବିଭାଗ"** ରେ ନାମିତ କରାଯାଇଛି । ଯୋଜନା ଓ ସଂଯୋଜନା ବିଭାଗରେ ଗୋଟିଏ ସଂଯୋଜନା ଉପବିଭାଗ ଖୋଲା ଯାଉଛି ଯାହା ସମସ୍ତ ବିଭାଗ ଏବଂ ସମ୍ବଳ ଉତ୍ସର ସମନ୍ୱୟ ପାଇଁ ଦୃଢ ପଦକ୍ଷେପ ନେବ ।

## 7.2 ବଜେଟ୍ ଅଟକଳ ପାଇଁ ବିତ୍ତୀୟ ନିଅଣ୍ଟର ଅତିରିକ୍ତ ସୀମା

7.2.1 ବର୍ତ୍ତମାନ ଅର୍ଥନୀତିରେ ମନ୍ଥର ଧାରା ଏବଂ ରାଜସ୍ୱର ସୀମିତ ଅଭିବୃଦ୍ଧି ଜାରିରହିଛି । ଭାରତୀୟ ତୈଳ ନିଗମ (IOCL) ର ବିଶୋଧନାଗାରର ଟିକସ ପୈଠ ପାଇଁ ମହଲତ ଦେବା ଦ୍ୱାରା ଆମ ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପଡିବ । ସେଥିନେଇ ଭାରତ ସକରାରଙ୍କ ସହିତ ବିଚାରବିମର୍ଷ ଚାଲିଛି । ଏ ସମ୍ବନ୍ଧରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ।

ଅଧିକନ୍ତୁ, ଆଗାମୀ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ହସ୍ତାନ୍ତର ସାମାନ୍ୟ ବୃଦ୍ଧିପାଇବ । ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରୀ କ୍ଷେତ୍ରରେ ଅଧିକ ଅର୍ଥ ବିନିଯୋଗ ଆବଶ୍ୟକ । ଏହି ପ୍ରସଙ୍ଗରେ ଭିତ୍ତିଭୂମି ନିର୍ମାଣ ପାଇଁ ସରକାରୀ ପୁଞ୍ଜି ବିନିଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ଆର୍ଥିକ ନିଅଣ୍ଟର ସୀମାକୁ ସାମଗ୍ରିକ ଘରୋଇ ଉତ୍ପାଦର 3.5 ପ୍ରତିଶତକୁ ବୃଦ୍ଧି କରାଯାଇଛି । ତେଣୁ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଆଇନରେ ସଂଶୋଧନ ଆଣିବା ପାଇଁ ପ୍ରସ୍ତାବ ରଖାଯାଇଛି ।

7.2.2 ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଦ୍ୱାରା ଯେଉଁ ରାଜ୍ୟ ସରକାରୀ ଉଦ୍ୟୋଗର ଋଣର ଭାରର ଶତକଡା 75 ଭାଗ ରାଜ୍ୟ ସରକାର ଗ୍ରହଣ କରିବେ, ସେ ବାବଦକୁ ସରକାରଙ୍କ ହାତକୁ ଆସଥିବା ଋଣ ଆର୍ଥିକ ନିଅଣ୍ଟର ହିସାବରୁ ବାଦ୍ ପଡିବ । ଏଥିପାଇଁ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଆଇନରେ ଆବଶ୍ୟକୀୟ ବ୍ୟବସ୍ଥା କରାଯାଉଛି ।

7.3 **ବଜେଟ୍ ଅଟକଳ 2016-17**

7.3.1 2016-17 ଆର୍ଥିକ ବର୍ଷରେ ଦରମା ପାଇଁ **18800 କୋଟି** ଟଙ୍କା, ପେନ୍‌ସନ୍ ପାଇଁ **9500 କୋଟି** ଟଙ୍କା, ସୁଧଦେୟ ପାଇଁ **4650 କୋଟି** ଟଙ୍କା ଏବଂ ପୁଞ୍ଜି ସମ୍ପତ୍ତି ରକ୍ଷଣାବେକ୍ଷଣ ପାଇଁ **4977 କୋଟି 35 ଲକ୍ଷ** ଟଙ୍କାର ବ୍ୟବସ୍ଥା ରଖାଯାଇ, ମୋଟ ଅଣଯୋଜନା ଖର୍ଚ୍ଚ 48,096.49 କୋଟି ଟଙ୍କାରେ ଆକଳିତ ହୋଇଛି ।

7.3.2 ଆର୍ଥିକ ବର୍ଷ 2016-17 ପାଇଁ ରାଜ୍ୟର ବାର୍ଷିକ ଯୋଜନା ଅଟକଳ **50000 କୋଟି** ଟଙ୍କା ହେବ । ଏଥି ମଧ୍ୟରୁ ସରକାରୀ କ୍ଷେତ୍ର ପାଇଁ **45600 କୋଟି** ଟଙ୍କାର ବ୍ୟୟ ଅଟକଳ ଏବଂ ସରକାରୀ ଉଦ୍ୟୋଗ ପାଇଁ **4400 କୋଟି** ଟଙ୍କା ଉଦ୍ଦିଷ୍ଟ ।

7.3.3 କେନ୍ଦ୍ରୀୟ ଯୋଜନା ବ୍ୟୟ ଅଟକଳ **311 କୋଟି 33 ଲକ୍ଷ** ଟଙ୍କା ହେବ । କେନ୍ଦ୍ର ପ୍ରବର୍ତ୍ତୀତ ଯୋଜନା ପାଇଁ ବ୍ୟୟ ଅଟକଳ **44 କୋଟି 43 ଲକ୍ଷ** ଟଙ୍କା ହେବ ।

7.3.4 ଏହିପରି, 2016-17 ଆର୍ଥିକ ବର୍ଷ ପାଇଁ ବଜେଟ୍ ଅଟକଳରେ ବ୍ୟୟ ବରାଦ **94052 କୋଟି 65 ଲକ୍ଷ** ଟଙ୍କା ଅଟେ । ଏଥିରେ ଋଣ ପରିଶୋଧ ମଧ୍ୟ ଅନ୍ତର୍ଭୁକ୍ତ । ବଜେଟ୍‌ରେ ମୋଟ ବ୍ୟୟ ଅଟକଳ **98416 କୋଟି 93 ଲକ୍ଷ** ଟଙ୍କା ଅଟେ; ଏଥିମଧ୍ୟରେ ପୁନଃ ପ୍ରାପ୍ତିରେ (Recovery) ଏବଂ ଲେଖା ସମାୟୋଜନ (Accounting Adjustment) ଅନ୍ତର୍ଭୁକ୍ତ ।

7.3.5 ଆର୍ଥିକ ବର୍ଷ 2016-17 ରେ ପୁଞ୍ଜି ବ୍ୟୟକୁ **16749 କୋଟି 70 ଲକ୍ଷ** ଟଙ୍କାକୁ ବୃଦ୍ଧି କରାଯିବାର ପ୍ରସ୍ତାବ ଅଛି; ଯାହା ସାମଗ୍ରୀକ ଘରୋଇ ଉତ୍ପାଦର ପ୍ରାୟ 4.37 ପ୍ରତିଶତ ଅଟେ । ଏତଦ୍‌ବ୍ୟତୀତ ଋଣ ଓ ଅଗ୍ରୀମ ଦେୟ, ପୁଞ୍ଜି ସମ୍ପତ୍ତି ନିର୍ମାଣ ପାଇଁ ଅନୁଦାନ ଏବଂ ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ଅନ୍ୟ ଖର୍ଚ୍ଚକୁ ଏକାଠି ମିଶାଇ ବ୍ୟୟବରାଦ ପରିମାଣ **11766 କୋଟି 20 ଲକ୍ଷ** ଟଙ୍କା ଅଟେ ଯାହା ସାମଗ୍ରୀକ ଘରୋଇ ଉତ୍ପାଦର 3.07 ପ୍ରତିଶତ ଅଟେ । ଋଣ ଏବଂ ଅଗ୍ରୀମ ମଧ୍ୟରେ ଗ୍ରୀଡ୍‌କୋକୁ UDAY ଯୋଜନା ମାଧ୍ୟମରେ ପଛକୁ ପଛ (Back to Back) ଋଣ ପ୍ରଦାନ ପାଇଁ **1196 କୋଟି 18 ଲକ୍ଷ** ଟଙ୍କା ଅନ୍ତର୍ଭୁକ୍ତ ।

7.3.6 ଆମର ସରକାରୀ ଖର୍ଚ୍ଚନୀତି ଉନ୍ନୟନ ମୂଳକ ଖର୍ଚ୍ଚ ତଥା ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ର ପାଇଁ ଅଭିପ୍ରେତ । ଋଣ ପରିଶୋଧକୁ ବାଦ୍‌ଦେଇ ମୋଟ ଖର୍ଚ୍ଚରୁ ଉନ୍ନୟନମୂଳକ ଖର୍ଚ୍ଚର ଅଂଶ 2016-17 ଆର୍ଥିକ ବର୍ଷରେ **74.89** ପ୍ରତିଶତ ହେବ ।

## 7.4 **ବାର୍ଷିକ ବଜେଟ୍‌ରେ ବ୍ୟୟବରାଦ ପାଇଁ ସମ୍ବଳ**

7.4.1 ଆମେ 2016-17 ଆର୍ଥିକ ବର୍ଷରେ ସଂଗଠିତ ପାଣ୍ଠିରେ ବ୍ୟୟ ପାଇଁ **94052 କୋଟି 65 ଲକ୍ଷ** ଟଙ୍କାର ବ୍ୟବସ୍ଥା ରଖିଛୁ । ଏଥିପାଇଁ ରାଜସ୍ୱ ପ୍ରାପ୍ତିରୁ **78126 କୋଟି 72 ଲକ୍ଷ** ଟଙ୍କା ଋଣ ଅଗ୍ରୀମ ଆଦାୟରୁ**185 କୋଟି 15 ଲକ୍ଷ** ଟଙ୍କା ଏବଂ ଋଣ ଓ ଅନ୍ୟାନ୍ୟ ପ୍ରାପ୍ତିରୁ **15740 କୋଟି 78 ଲକ୍ଷ** ଟଙ୍କାର ବ୍ୟବସ୍ଥା ରଖାଯାଇଛି ।

7.4.2 ଆର୍ଥିକ ବର୍ଷ 2016-17 ପାଇଁ ରାଜସ୍ୱ ପ୍ରାପ୍ତି ମଧ୍ୟରେ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ବାବଦରେ **26567 କୋଟି 56 ଲକ୍ଷ** ଟଙ୍କା, ରାଜ୍ୟର ନିଜ ଟିକସ ବାବଦକୁ **23200** କୋଟି ଟଙ୍କା, ନିଜ ଅଣଟିକସ ରାଜସ୍ୱରୁ **9822 କୋଟି 93 ଲକ୍ଷ** ଟଙ୍କା ଏବଂ କେନ୍ଦ୍ରରୁ ଅନୁଦାନ ବାବଦରେ **18536 କୋଟି 23 ଲକ୍ଷ** ଟଙ୍କା ଅନ୍ତର୍ଭୁକ୍ତ । ଏହି ଆର୍ଥିକ ବର୍ଷରେ ଟିକସ ଓ ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତ 6.05 ପ୍ରତିଶତ ହେବ ।

ବର୍ତ୍ତମାନ ମୁଁ କିଛି ପ୍ରମୁଖ କ୍ଷେତ୍ରରେ ହୋଇଥିବା ବ୍ୟୟବରାଦ ସମ୍ପର୍କରେ ସୂଚନା ଦେବାକୁ ଯାଉଛି ।

## 8. **ସାମାଜିକ କ୍ଷେତ୍ର**

ଗୁଣାତ୍ମକ ଶିକ୍ଷା, ସୁଲଭମୂଲ୍ୟରେ ସ୍ୱାସ୍ଥ୍ୟ ସେବା ଓ ସାମାଜିକ ନିରାପତ୍ତା ଯୋଗାଇ ଦେବା ଆମ ସରକାରଙ୍କ ପ୍ରାଥମିକତା ଅଟେ । ସାମାଜିକ କ୍ଷେତ୍ରରେ ବ୍ୟୟ ଜନସାଧାରଣଙ୍କର ଜୀବନ ଧାରଣର ମାନ ବୃଦ୍ଧି ଏବଂ ମାନବ ସମ୍ବଳର ବିକାଶର ସହାୟକ ଅଟେ । ସାମାଜିକ

କ୍ଷେତ୍ରରେ 33,423 କୋଟି 10 ଲକ୍ଷ ଟଙ୍କାର ବ୍ୟୟ ବରାଦର ପ୍ରସ୍ତାବ ଅଛି । ଏହା ପୂର୍ବ ବର୍ଷ ତୁଳନାରେ 16.10 ପ୍ରତିଶତ ଅଧିକ ଅଟେ । ସାମାଜିକ କ୍ଷେତ୍ରରେ ପ୍ରମୁଖ ବିଭାଗ ମାନଙ୍କର ବ୍ୟୟ ବରାଦ ନିମ୍ନମତେ ପ୍ରଦାନ କରାଯାଇଛି ।

4.1 **ସ୍ୱାସ୍ଥ୍ୟ କ୍ଷେତ୍ର**

ଜନସାଧାରଣଙ୍କୁ ସୁବିଧା ଓ ଶସ୍ତାରେ ନ୍ୟାୟୋଚିତ ଭାବରେ ଗୁଣାତ୍ମକ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ପ୍ରଦାନ ଆମର ଲକ୍ଷ୍ୟ । ଆଞ୍ଚଳିକତା ଓ ବିଭିନ୍ନ ସାମାଜିକ ବର୍ଗ ମଧ୍ୟରେ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ବୈଷମକୁ ଦୂର କରି ଏହାକୁ ସୁଦୂର ପ୍ରାସାରୀ ଓ ବ୍ୟାପକ କରିବା ନିମନ୍ତେ ଆମ ସରକାର ଯତ୍ନଶୀଳ ।

4.1.1 ଅନେକ ରାଜ୍ୟରେ, ସହଜଲଭ୍ୟ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଘରୋଇ ସଂସ୍ଥାର ପୁଞ୍ଜି ନିବେଶ ମୁଖ୍ୟ ଭୂମିକା ନିର୍ବାହ କରିଛି । ଆମ ରାଜ୍ୟରେ, ବଜାର ଶକ୍ତିର ପ୍ରାଧାନ୍ୟ ଯୋଗୁ ଘରୋଇ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କେତୋଟି ମୁଖ୍ୟ ସହରାଞ୍ଚଳ କେନ୍ଦ୍ରରେ ସୀମିତ । ଗ୍ରାମାଞ୍ଚଳରେ ଏହି ତାରତମ୍ୟ ଆହୁରି ଅଧିକ । ଏହା ସତ୍ୟ ଯେ, ଶିକ୍ଷା ଭଳି, ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଘରୋଇ ପୁଞ୍ଜି ବିନିଯୋଗ ଗ୍ରାମାଞ୍ଚଳରେ ପରିପୂରକ ଭୂମିକା ନିର୍ବାହ କରିବା ଆବଶ୍ୟକ । ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ସହଜଲଭ୍ୟ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଘରୋଇ ପୁଞ୍ଜି ବିନିଯୋଗ ନିମିତ୍ତ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଙ୍ଗ୍ (Viability Gap Funding) ପାଇଁ ଯୋଜନା ଓ ସଂଯୋଜନା ବିଭାଗରେ 15 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଆମ ପାଖରେ ତଥ୍ୟ ଅଛି ଯେ ଅନେକ

ରାଜ୍ୟରେ ଏହିପରି ବ୍ୟବସ୍ଥା କରାଯାଇଛି। ଏଥି ନିମନ୍ତେ ସରକାରଙ୍କ ଦ୍ୱାରା ବିସ୍ତୃତ ଯୋଜନା ଖୁବ୍ ଶୀଘ୍ର ପ୍ରସ୍ତୁତ କରାଯିବ ।

୫.1.2 ଦୁର୍ଗମ ଅଞ୍ଚଳରେ ଡାକ୍ତରମାନଙ୍କ ଅଭାବ ଉଦ୍‌ବେଗର କାରଣ ଅଟେ । ଏହି ସମସ୍ୟାକୁ ବିଚାରକୁ ନେଇ ତାହାର ପ୍ରତିକାର ନିମନ୍ତେ କେତେକ ପଦକ୍ଷେପ ସରକାର ନେଇଛନ୍ତି । ଆବଶ୍ୟକତା ଅନୁଯାୟୀ ଜିଲ୍ଲାରେ ଉନ୍ନତ ସ୍ୱାସ୍ଥ୍ୟ ସେବାର ଉପଲବ୍ଧ ନିମନ୍ତେ ରାଜ୍ୟର 11 ଟି ପଛୁଆ ଜିଲ୍ଲାରେ ପ୍ରତ୍ୟେକ ଜିଲ୍ଲାପାଳମାନଙ୍କ ତତ୍ତ୍ୱାବଧାନରେ 1 କୋଟି ଟଙ୍କାର ପାଣ୍ଠି ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି । ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଏହା ଦ୍ୱାରା ସେମାନଙ୍କୁ ଅଧିକ ସମ୍ବଳ ମିଳିବ ।

୫.1.3 ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗ୍ୟତା ପ୍ରାପ୍ତ ପେଶାଦାର ବ୍ୟକ୍ତି ମାନଙ୍କର ଅଭାବ ଆମ ପାଇଁ ମୁଖ୍ୟ ସମସ୍ୟା । ବଲାଙ୍ଗୀର, କୋରାପୁଟ, ମୟୁରଭଂଜ, ବାଲେଶ୍ୱର ଓ ପୁରୀ ଜିଲ୍ଲାରେ 5 ଗୋଟି ନୂତନ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଭାରତ ସରକାର 1୫୨ କୋଟି ଟଙ୍କାର ଅଣ-ପୌନଃପୁନିକ ପୁଞ୍ଜି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଭିତ୍ତିଭୂମି ସୃଷ୍ଟି ହେବାପରେ ପ୍ରତ୍ୟେକ ମେଡିକାଲ କଲେଜ ପାଇଁ ପୌନଃପୁନିକ ଅର୍ଥ ରାଜ୍ୟ ସରକାର ବହନ କରିବେ । ଜମିର ମୂଲ୍ୟ ସରକାର ବହନ କରିଛନ୍ତି । ଭାରତ ସରକାରଙ୍କ ଠାରୁ ନଗଣ୍ୟ ଅର୍ଥ ମିଳିଥିବା ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଉପରୋକ୍ତ 5 ଗୋଟି ମେଡିକାଲ କଲେଜ ନିର୍ମାଣ ପାଇଁ 615 କୋଟି ଟଙ୍କାର ବ୍ୟୟ ବରାଦ କରିଅଛୁ ।

୫.1.4 ଏତଦ୍ ବ୍ୟତୀତ, ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନର ଭିତ୍ତିଭୂମି ସୃଷ୍ଟି ପାଇଁ 765 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର କାର୍ଯ୍ୟକାରିତା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି । ଆର୍ଥିକ ବର୍ଷ 2016-17ରେ ରାଜ୍ୟର 3 ଗୋଟି ମେଡ଼ିକାଲ କଲେଜ, କ୍ୟାପିଟାଲ ହସ୍‌ପିଟାଲ, ରାଉରକେଲା ଜେନେରାଲ ହସ୍‌ପିଟାଲ ଏବଂ ଅନ୍ୟାନ୍ୟ 4 ଟି ଜିଲ୍ଲା ମୁଖ୍ୟ ଦପ୍ତର ହସ୍‌ପିଟାଲ ଗୁଡିକରେ ନିଶାମୁକ୍ତ କେନ୍ଦ୍ର (De-addiction Centre) ପ୍ରତିଷ୍ଠା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି ।

୫.1.5 ଓଡିଶାରେ ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁହାର ଏବେ ସୁଦ୍ଧା ଅଧିକ । ଆମେ ଉନ୍ନତ ମାତୃ ଓ ଶିଶୁ ସେବା ମାଧ୍ୟମରେ ଶିଶୁ ମୃତ୍ୟୁ ହାର ଓ ମାତୃ ମୃତ୍ୟୁହାର କମାଇବା ପାଇଁ ଏକ ନୂତନ କାର୍ଯ୍ୟକ୍ରମ ଚାଲୁକରିଛୁ ।

୫.1.6 ସରକାରଙ୍କ ତତ୍ୱାବଧାନରେ ପରିଚାଳିତ ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡିକରେ ମାଗଣା ଅତ୍ୟାବଶ୍ୟକୀୟ ଔଷଧ ସାମଗ୍ରୀର ଯୋଗାଣ ଓ ବର୍ଣ୍ଟନ ପାଇଁ ଓଡିଶା ରାଜ୍ୟ ମେଡିକାଲ ନିଗମ (OSMC) ପ୍ରତିଷ୍ଠା କରାଯାଇଛି । ଏହି ନିଗମ ଜରିଆରେ ଅତ୍ୟାବଶ୍ୟକୀୟ ଔଷଧ ସାମଗ୍ରୀ ସଂଗ୍ରହଣ ପାଇଁ 222 କୋଟି 31 ଲକ୍ଷ ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି ।

୫.1.7 ବିଗତ କିଛି ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ବଜେଟ ବ୍ୟବସ୍ଥାରେ ଉଲ୍ଲେଖନୀୟ ବୃଦ୍ଧି କରାଯାଇଛି । ଉଭୟ ଯୋଜନା ଓ ଅଣ ଯୋଜନା ପାଇଁ 4771 କୋଟି ୫7 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । **"ଜାତୀୟ ସ୍ୱାସ୍ଥ୍ୟ ମିଶନ"** ପାଇଁ 1197 କୋଟି 15 ଲକ୍ଷ ଟଙ୍କା ଏହି ଯୋଜନାରେ ଅନ୍ତର୍ଭୁକ୍ତ ।

୪.2 **ସାଧାରଣ ଶିକ୍ଷା**

ଶିକ୍ଷାରେ ପୁଞ୍ଜିନିବେଶ ମାନବ ସମ୍ବଳରେ ପୁଞ୍ଜି ନିବେଶ ସହିତ ସମାନ, ଯାହାକି ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଥାଏ । ଆର୍ଥିକ ବର୍ଷ 2016-17ରେ ସ୍କୁଲ ଓ ଗଣଶିକ୍ଷା ଏବଂ ଉଚ୍ଚ ଶିକ୍ଷା ବିଭାଗ ନିମନ୍ତେ 13396 କୋଟି 35 ଲକ୍ଷ ଟଙ୍କାର ବ୍ୟୟ ବରାଦର ପ୍ରସ୍ତାବ ରଖାଯାଇଛି ଯାହାକି ମୋଟ ବ୍ୟୟ ବରାଦର 13.61 ପ୍ରତିଶତ ଅଟେ ।

୪.2.1 **"ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ସାଇକେଲ ବଣ୍ଟନ"** ଯୋଜନାର ଏକ ନିରପେକ୍ଷ ମୂଲ୍ୟାୟନ ଅନୁସାରେ ଏହି ଯୋଜନାର ସକାରାତ୍ମକ ପ୍ରଭାବ ଯୋଗୁଁ ହାଇସ୍କୁଲ ସ୍ତରରେ ବିଦ୍ୟାଳୟ ଛାଡୁଥିବା ବିଦ୍ୟାର୍ଥୀଙ୍କ ହାର ହ୍ରାସ ଓ ଉପସ୍ଥାନ ସଂଖ୍ୟା ବୃଦ୍ଧି ପାଇଛି । ଏହି ବ୍ୟବସ୍ଥାର ସଫଳତାକୁ ଆଖି ଆଗରେ ରଖି, ନବମ ଶ୍ରେଣୀ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ 2016-17 ଶିକ୍ଷା ବର୍ଷରେ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଦୁଇଗୁଣା ଅର୍ଥର ବ୍ୟବସ୍ଥା କରାଯାଇଅଛି ।

୪.2.2 ରାଜ୍ୟରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଭାରତ ସରକାର କେନ୍ଦ୍ରୀୟ ସହାୟତା ବନ୍ଦ କରିଦେଇଛନ୍ତି । ଆମ ସରକାର ନିଜସ୍ୱ ଯୋଜନା ମାଧ୍ୟମରେ ଏହି ବିଦ୍ୟାଳୟ ଗୁଡିକ ପ୍ରତିଷ୍ଠା ପାଇଁ **"ଓଡିଶା ଆଦର୍ଶ ବିଦ୍ୟାଳୟ"** ନାମରେ ଏକ ନୂତନ ଯୋଜନା ପ୍ରଣୟନ କରି ଏଥି ନିମନ୍ତେ ବ୍ୟୟବରାଦ କରିଛନ୍ତି ।

ଓଡିଶାରେ ଉଚ୍ଚ ଶିକ୍ଷାର ମାନବୃଦ୍ଧି, ସବୁ ବର୍ଗକୁ ଶିକ୍ଷା ସୁବିଧା, ଛାତ୍ରଛାତ୍ରୀଙ୍କ ନିଯୁକ୍ତି ସୁଯୋଗ ତଥା ବିଶ୍ୱବିଦ୍ୟାଳୟ ଓ

ମହାବିଦ୍ୟାଳୟ ଗୁଡିକରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ର ଆବଶ୍ୟକତା ଅଛି । ଏହି ଉଦ୍ଦେଶ୍ୟରେ ବିଶ୍ୱବ୍ୟାଙ୍କ ଠାରୁ  ଆର୍ଥିକ ଓ ବୈଷୟିକ ସହାୟତା ନିଆଯିବ । ଏହି ବର୍ହିଃ ସାହାଯ୍ୟପ୍ରାପ୍ତ ପ୍ରକଳ୍ପ ନିମନ୍ତେ ଅର୍ଥ ବ୍ୟବସ୍ଥା କରାଯାଇଛି ।

## ୪.3 ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ସଂଖ୍ୟାଲଘୁ ମାନଙ୍କର କଲ୍ୟାଣ

ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ମାନଙ୍କର ସାମଗ୍ରୀକ ବିକାଶ ପାଇଁ 2016-17 ଆର୍ଥିକ ବର୍ଷରେ ବ୍ୟୟ ବରାଦ 2୪35 କୋଟି 12 ଲକ୍ଷ  ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହାକି ପୂର୍ବ ବର୍ଷ ତୁଳନାରେ 19.59 ପ୍ରତିଶତ ଅଧିକ  ଅଟେ  ।

୪.3.1 ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ବାଳିକା ମାନଙ୍କ ପାଇଁ  **"ଓଡିଶା ବାଳିକା ପୋତ୍ସାହନ ଯୋଜନା"** (OGIP) ମାଧ୍ୟମରେ ଛାତ୍ରବୃତ୍ତି ପ୍ରଦାନର ବ୍ୟବସ୍ଥା କରାଯାଇଛି । ଭାରତୀୟ ସଂବିଧାନର ଧାରା 275(i), ପ୍ରଥମ ପ୍ରୋଭିଜୋ ଅନ୍ତର୍ଗତ ଆଦିବାସୀ ଅଞ୍ଚଳରେ ଭିତ୍ତିଭୂମି ଉନ୍ନୟନ ପାଇଁ ଅର୍ଥ ବ୍ୟବସ୍ଥା ଓ ଆଦିବାସୀ ଅଞ୍ଚଳ ଉପ ଯୋଜନା ପାଇଁ ଅର୍ଥ ବରାଦ କରାଯାଇଛି  । ଓଡିଶା PVTG (Particularly Vulnerable Tribal Group) ସଶକ୍ତୀକରଣ ଓ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ (OPLIP) ପାଇଁ ମୋଟ ଅଟକଳ 795 କୋଟି 3୪ ଲକ୍ଷ ଟଙ୍କା ଥିବାସ୍ଥଳେ IFAD ଅଂଶ 312 କୋଟି 30 ଲକ୍ଷ ଟଙ୍କା  ଅଟେ । ଉକ୍ତ ପ୍ରକଳ୍ପ ପ୍ରଚଳିତ କେନ୍ଦ୍ରୀୟ ପ୍ରବର୍ତ୍ତିତ ଓ

ରାଜ୍ୟ ଯୋଜନା ସହିତ ଏକାଭିମୁଖୀ ଧାରାରେ କାର୍ଯ୍ୟକାରୀ କରାଯିବ । ଏହି ବହିଃ ସାହାଯ୍ୟପ୍ରାପ୍ତ ପ୍ରକଳ୍ପ ପାଇଁ ବ୍ୟୟ ବରାଦ କରାଯାଇଛି ।

୪.3.2 ଆଦିବାସୀ ଅଞ୍ଚଳ ଉପ ଯୋଜନାରେ ଆଦିବାସୀ ଗ୍ରାମ ଓ ଆଦିବାସୀ ଆବାସିକ ବିଦ୍ୟାଳୟ ଗୁଡିକରେ ସୌର ଶକ୍ତି ମାଧ୍ୟମରେ ବିଦ୍ୟୁତୀକରଣ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି । ସଂଖ୍ୟାଲଘୁ ସଂପ୍ରଦାୟ ପାଇଁ ବହୁମୁଖୀ ଗୋଷ୍ଠୀ ତଥା ସାଂସ୍କୃତିକ କେନ୍ଦ୍ର ନିର୍ମାଣର ପ୍ରସ୍ତାବ ରହିଛି । ତୀର୍ଥଯାତ୍ରୀ ମାନଙ୍କପାଇଁ **ହଜ ହାଉସ** ନିର୍ମାଣ ନିମିତ୍ତ ଅର୍ଥ ବ୍ୟବସ୍ଥା କରାଯାଇଛି ।

୪.3.3 ସହରାଞ୍ଚଳର ଶିକ୍ଷାନୁଷ୍ଠାନର ସହଭାଗିତାରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ 10 କୋଟି 60 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## ୪.4 **ସାମାଜିକ ନିରାପତ୍ତା ଓ ମହିଳା, ଶିଶୁ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ**

ମହିଳା ଓ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ଆମ ସାମାଜିକ ଉନ୍ନତି ପ୍ରକ୍ରିୟାର ମାର୍ଗଦର୍ଶକ ଅଟେ । ବିଭିନ୍ନ ପ୍ରକାରର ସମାଜ ମଙ୍ଗଳ ଏବଂ ସହାୟକ ସେବା କାର୍ଯ୍ୟକ୍ରମ ଏହାର ଅନ୍ତର୍ଭୁକ୍ତ । ଭିନ୍ନକ୍ଷମ, କିନ୍ନର, ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କର ମଙ୍ଗଳ ଏବଂ ସାମାଜିକ ନିରାପତ୍ତା ପେନ୍‌ସନ୍ ଆଦିକୁ କାର୍ଯ୍ୟକାରୀ କରିବା ପାଇଁ ଏକ ନୂତନ ବିଭାଗ "**ସାମାଜିକ ନିରାପତ୍ତା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ**" 2015 ଜୁଲାଇ ପହିଲା ଠାରୁ ଆରମ୍ଭ କରାଯାଇଛି ।

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ "**ସାମାଜିକ ନିରାପତ୍ତା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ**" ପାଇଁ ମିଳିତ ଭାବେ 2016-17 ଆର୍ଥିକ ବର୍ଷରେ 4693 କୋଟି 55 ଲକ୍ଷ ଟଙ୍କାର ସମୁଦାୟ ବ୍ୟୟବରାଦ କରାଯାଇଛି ।

୫.4.1 ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଏବଂ ବିଧବାମାନଙ୍କର ସାମାଜିକ ନିରାପତ୍ତା ପେନ୍‌ସନ୍ ପାଇଁ 1775 କୋଟି ୨୨ ଲକ୍ଷ ଟଙ୍କାର ପ୍ରସ୍ତାବ ରହିଛି । "**ମମତା**" ଯୋଜନାରେ ଗର୍ଭବତୀ ମହିଳା ଏବଂ ସଦ୍ୟ ଜନ୍ମିତ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟି ସାଧନ ପାଇଁ 230 କୋଟି ଟଙ୍କାର ପ୍ରସ୍ତାବ ରହିଛି ।

୫.4.2 ସମନ୍ୱିତ ଶିଶୁ ବିକାଶ ଯୋଜନା ନିମନ୍ତେ 1400 କୋଟି 5 ଲକ୍ଷ ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି । ଏଥିରେ ଅଙ୍ଗନବାଡି କେନ୍ଦ୍ର ଗୁଡିକର ଗୃହ ନିର୍ମାଣ ପାଇଁ 140 କୋଟି ଟଙ୍କା ଅନ୍ତର୍ଭୁକ୍ତ । MGNREGA ଅର୍ଥକୁ ଏକାଭିମୁଖୀ କରି 24481 ଅଙ୍ଗନବାଡି କେନ୍ଦ୍ରର ଘର ଆସନ୍ତା 4 ବର୍ଷରେ ତିଆରି କରାଯିବ, ଯାହା ମଧ୍ୟରେ ଅଙ୍ଗନବାଡି ଚାରିପଟେ ଶିଶୁମାନଙ୍କର ସୁବିଧା ପାଇଁ ସବୁଜ ଘେର କରାଯିବ ଏବଂ ସୌର ପ୍ୟାନେଲର ସୁବିଧା ରହିବ । ଆର୍ଥିକ ବର୍ଷ 2016-17ରେ 7 ହଜାର ଅଙ୍ଗନବାଡି ଗୃହ ତିଆରି କରିବାର ଯୋଜନା ରହିଛି ।

୫.4.3 ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ପ୍ରୋତ୍ସାହନ ପ୍ରଦାନ ନିମନ୍ତେ ମିଶନ ଶକ୍ତିକୁ ପୁନଃଜିବୀତ ଏବଂ ସଶକ୍ତ କରିବା ପାଇଁ 50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

୫.4.4 ରାଜ୍ୟରେ ବହୁଳ ଏବଂ ଦ୍ରୁତ ଶିଳ୍ପାୟନରେ ନୂତନ ଭାବେ ସୃଷ୍ଟି ହୋଇଥିବା ଶିଳ୍ପ ସଂସ୍ଥା ମାନଙ୍କରେ ମହିଳାମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିବାରୁ ଶିଳ୍ପ ଭିତ୍ତିକ ସହର ଗୁଡିକରେ ୫ଟି କର୍ମଜୀବି ମହିଳା ନିବାସ ନିର୍ମାଣ ପାଇଁ 24 କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ବଜେଟ୍‌ରେ ଏଥିପାଇଁ ୫.35 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

୫.4.5 ରାଜ୍ୟ ସରକାର **'ଓଡିଶା ରାଜ୍ୟ ବାଳିକା ଓ ମହିଳା ନୀତି, 2014'** ମାଧ୍ୟମରେ ସାମାଜିକ ମାନସିକତାର ପରିବର୍ତ୍ତନ କରି ବାଳିକାମାନଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି, ବୈଷମ୍ୟ ଦୂରୀକରଣ ଓ ସେମାନଙ୍କର ସଶକ୍ତୀକରଣ ପାଇଁ ପରିବେଶ ସୃଷ୍ଟି କରିବା ପାଇଁ ଅଙ୍ଗୀକାରବଦ୍ଧ । ଏହି ଉଦ୍ଦେଶ୍ୟକୁ ଆଖି ଆଗରେ ରଖି, ଏକ ନୂଆ ଯୋଜନା **"ବିଜୁ କନ୍ୟା ରତ୍ନ"** ଢେଙ୍କାନାଳ, ଅନୁଗୁଳ ଓ ଗଞ୍ଜାମ ଜିଲ୍ଲାରେ ଶୁଭାରମ୍ଭ କରାଯିବ । ଏଥି ପାଇଁ 2016-17 ଆର୍ଥିକ ବର୍ଷରେ 2 କୋଟି ଟଙ୍କାର ବ୍ୟୟ ବରାଦ ରହିଅଛି ।

୫.4.6 କିନ୍ନର ମାନଙ୍କର କଲ୍ୟାଣ ପାଇଁ 4 କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି ।

## ୫.5 ପଞ୍ଚାୟତରାଜ ସଂସ୍ଥା ମାନଙ୍କ ସଶକ୍ତୀକରଣ ଓ ଗ୍ରାମାଞ୍ଚଳ ବିକାଶ

ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଅଧିନିୟମ 1959 ପାରିତ ହେବା ପରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ଆରମ୍ଭ କରାଯାଇଥିଲା । ଏହି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାକୁ ଲାଗୁ କରିବାରେ

ଓଡିଶା, ଦେଶର ଏକ ପ୍ରମୁଖ ରାଜ୍ୟ ଅଟେ । ରାଜ୍ୟ ସରକାର ପଞ୍ଚାୟତ ରାଜ ସଂସ୍ଥା ଗୁଡିକୁ ସୁଦୃଢୀକରଣ କରିବା ପାଇଁ ଅନେକ ଗୁଡିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ତୃଣମୂଳ ସ୍ତରରେ ମୌଳିକ ସେବା ଗୁଡିକର ଆବଶ୍ୟକତା ଥିବାରୁ ଅଧିକ ବ୍ୟୟବରାଦ ପାଇଁ ଚାହିଦା ରହିଛି । ତଦନୁସାରେ, ପଞ୍ଚାୟତି ରାଜ ବିଭାଗର 2015-16 ଆର୍ଥିକ ବର୍ଷରେ ବ୍ୟୟବରାଦ 7057 କୋଟି 10 ଲକ୍ଷ ଟଙ୍କା ଥିଲାବେଳେ, 2016-17 ଆର୍ଥିକ ବର୍ଷରେ ଏହା **19.86 ପ୍ରତିଶତ** ବୃଦ୍ଧି କରାଯାଇ **8458 କୋଟି 95 ଲକ୍ଷ** ଟଙ୍କା ରଖାଯାଇଛି ।

୪.5.1 ଚତୁର୍ଦ୍ଦଶ ଅର୍ଥ କମିଶନଙ୍କର ସୁପାରିଶକ୍ରମେ 2016-17 ଆର୍ଥିକ ବର୍ଷରେ ଭାରତ ସରକାରଙ୍କଠାରୁ ପାଇବାକୁ ଥିବା **1469 କୋଟି 64 ଲକ୍ଷ** ଟଙ୍କା ପଞ୍ଚାୟତ ରାଜ ସଂସ୍ଥାମାନଙ୍କୁ ହସ୍ତାନ୍ତର କରିବାର ପ୍ରସ୍ତାବ ରହିଛି । ଏହାଛଡ଼ା ଚତୁର୍ଥ ଅର୍ଥ କମିଶନଙ୍କ ସୁପାରିଶ ମୁତାବକ ପଞ୍ଚାୟତ ରାଜ ସଂସ୍ଥାମାନଙ୍କୁ 2016-17 ଆର୍ଥିକ ବର୍ଷରେ **1361 କୋଟି 26 ଲକ୍ଷ** ଟଙ୍କାର ସହାୟତା ଦେବାପାଇଁ ପ୍ରସ୍ତାବ ଅଛି । MGNREGA କାର୍ଯ୍ୟକ୍ରମରେ ନଅ କୋଟି ଶ୍ରମ ଦିବସ ସୃଷ୍ଟିପାଇଁ **1660 କୋଟି 35 ଲକ୍ଷ** ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି ।

୪.5.2 ବାସଗୃହ ମନୁଷ୍ୟର ଏକ ମୌଳିକ ଆବଶ୍ୟକତା ଅଟେ । ସମ୍ମାନର ସହ ବଞ୍ଚିବାପାଇଁ ଏହା ଏକ ପ୍ରାଥମିକ ଆବଶ୍ୟକତା ଅଟେ । ଓଡିଶା ସରକାର 2019 ମସିହା ସୁଦ୍ଧା ସମସ୍ତ କଚ୍ଚା ଘରକୁ ପକ୍କା ଘରରେ ପରିବର୍ତ୍ତନ କରିବାପାଇଁ ପ୍ରତିଶୃତିବଦ୍ଧ । ଇନ୍ଦିରା ଆବାସ ଯୋଜନାରେ 1 ଲକ୍ଷ 71 ହଜାର ନୂଆ ଘର ତିଆରି କରିବାପାଇଁ **1688 କୋଟି 26 ଲକ୍ଷ** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଅଛି । ସେହିପରି 2016-17 ଆର୍ଥିକ

ବର୍ଷରେ **"ବିଜୁ ପକ୍କାଘର ଯୋଜନା"** ରେ ୨3000 ଘର ତିଆରିପାଇଁ **700 କୋଟି** ଟଙ୍କାର ପ୍ରସ୍ତାବ ରହିଛି ।

୪.5.3 ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠିରେ କେନ୍ଦ୍ରୀୟ ସହାୟତା ବନ୍ଦ ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଷ୍ପତ୍ତି ନେବା ପରିପ୍ରକ୍ଷୀରେ, **"ଗୋପବନ୍ଧୁ ଗ୍ରାମୀଣ ଯୋଜନା"** କୁ ସମସ୍ତ ଜିଲ୍ଲାକୁ ସଂପ୍ରସାରଣ କରିବା ଆବଶ୍ୟକ ହୋଇପଡିଛି । ଗ୍ରାମଗୁଡିକୁ ବିଜୁଳି, ସଡକ, ପାଣି ଯୋଗାଇବା ପାଇଁ ଏହି ଯୋଜନାରେ **1000 କୋଟି** ଟଙ୍କାର ବ୍ୟୟବରାଦର ପ୍ରସ୍ତାବ ରହିଛି ।

୪.5.4 ରାଜ୍ୟର ଗ୍ରାମ୍ୟ ଯୁବକମାନଙ୍କର ନିଯୁକ୍ତି, ବୈଷୟିକ ଦକ୍ଷତା ବୃଦ୍ଧି ଓ ସ୍ୱୟଂସହାୟକ ଗୋଷ୍ଠି ମାନଙ୍କୁ ଆର୍ଥିକ ସହାୟତା ମାଧ୍ୟମରେ ଜୀବିକା ନିର୍ବାହର ମାନ ବୃଦ୍ଧି ପାଇଁ ଜାତୀୟ ଗ୍ରାମୀଣ ଜୀବିକା ମିଶନ ନିମନ୍ତେ **244 କୋଟି 73 ଲକ୍ଷ** ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## ୨. ଅନ୍ୟାନ୍ୟ ସାମାଜିକ କ୍ଷେତ୍ର ଯୋଜନା

ସାମାଜିକ ନିରାପତ୍ତା ଆଇନ ଅଧିନରେ ଅଣସଂଗଠିତ ଶ୍ରମିକମାନଙ୍କ କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ଏକ ନୂତନ ଯୋଜନା ମାଧ୍ୟମରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ନିମନ୍ତେ **50 ଲକ୍ଷ** ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## 10. ଭିତ୍ତିଭୂମି କ୍ଷେତ୍ର

ରାଜ୍ୟର ସାମଗ୍ରୀକ ସାମାଜିକ ଓ ଅର୍ଥନୈତିକ ପ୍ରଗତି ପାଇଁ ଏକ ଦୃଢ ଭିତ୍ତିଭୂମିର ଆବଶ୍ୟକତା ରହିଛି । ଏହା ରାଜ୍ୟରେ ପୁଞ୍ଜି ନିବେସନକୁ ଆକର୍ଷିତ କରିବା ସଂଗେ ସଂଗେ ଜନସାଧାରଣଙ୍କ ଜୀବନ ମାନର ଉନ୍ନତି ସାଧନ କରିବାରେ ସହାୟକ ହେବ । ଏହାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଭିତ୍ତିଭୂମି ଉନ୍ନୟନ ପାଇଁ ଏକ ସୁସଙ୍ଗତ ନୀତି ପ୍ରଣୟନ କରିଛନ୍ତି । ଭିତ୍ତି ଭୂମି ଉନ୍ନୟନ ପାଇଁ ବ୍ୟୟବରାଦ 2015-16 ଆର୍ଥିକ ବର୍ଷରେ 14232 କୋଟି 58 ଲକ୍ଷ ଟଙ୍କା ଥିବା ସ୍ଥଳେ ଏହା 20 ପ୍ରତିଶତ ବୃଦ୍ଧି କରାଯାଇ 2016-17 ଆର୍ଥିକ ବର୍ଷରେ **17172 କୋଟି 30 ଲକ୍ଷ** ଟଙ୍କା କରାଯିବାର ପ୍ରସ୍ତାବ ରହିଛି ।

## 11. ପୂର୍ତ୍ତ କାର୍ଯ୍ୟ

ନିର୍ମାଣ ବିଭାଗ ଅଧିନରେ ରାସ୍ତା, ସେତୁ ଓ ସରକାରୀ କୋଠାବାଡିର ରକ୍ଷଣାବେକ୍ଷଣ ପାଇଁ **4524 କୋଟି 42 ଲକ୍ଷ** ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥି ମଧ୍ୟରୁ 2921 କୋଟି 18 ଲକ୍ଷ ଟଙ୍କା ରାଜ୍ୟ ଯୋଜନା ମାଧ୍ୟମରେ 950 କି.ମି. ରାସ୍ତାର ଉନ୍ନୟନ ଓ 34 ଗୋଟି ସେତୁ ନିର୍ମାଣ ପାଇଁ ଉଦ୍ଦିଷ୍ଟ ।

11.1 ରାସ୍ତା ଓ ସେତୁର ରକ୍ଷଣାବେକ୍ଷଣ ପାଇଁ **852 କୋଟି 10 ଲକ୍ଷ** ଟଙ୍କା ବ୍ୟୟବରାଦ କରାଯାଇଥିବା ସ୍ଥଳେ କୋଠାବାଡିର ରକ୍ଷଣାବେକ୍ଷଣ ପାଇଁ **500 କୋଟି 72 ଲକ୍ଷ** ଟଙ୍କାର ବ୍ୟୟବରାଦ କରାଯାଇଛି ।

11.2 ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (RIDF) ଅନ୍ତର୍ଗତ ରାସ୍ତା ନିର୍ମାଣ ପାଇଁ **600 କୋଟି** ଟଙ୍କା, କେନ୍ଦ୍ର ସଡକ ପାଣ୍ଠି (CRF) ଅନ୍ତର୍ଗତ ରାସ୍ତା ପ୍ରକଳ୍ପ ପାଇଁ **550 କୋଟି** ଟଙ୍କା ଓ ବର୍ହିଃ ସାହାଯ୍ୟପ୍ରାପ୍ତ ପ୍ରକଳ୍ପ - **"ଓଡିଶା ରାଜ୍ୟ ସଡକ ପ୍ରକଳ୍ପ"** ପାଇଁ **175 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି ।

11.3 ରାଜ୍ୟ ରାଜପଥ ଉନ୍ନୟନ କାର୍ଯ୍ୟକ୍ରମ (SHDP) ମାଧ୍ୟମରେ 75 କି.ମି. ରାଜ୍ୟ ରାଜପଥର ଦୋହରିକରଣ ରାସ୍ତା ପାଇଁ **500 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି । ସରହାଞ୍ଚଳରେ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ପାଇଁ **40 କୋଟି** ଟଙ୍କା ଓ ଘରୋଇ-ସରକାରୀ ସହଭାଗିତାରେ ରାସ୍ତା ପ୍ରକଳ୍ପ ପାଇଁ **45 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି ।

11.4 ଓଡିଶାର ପଶ୍ଚିମାଞ୍ଚଳ ଓ କେ.ବି.କେ. ଜିଲ୍ଲା ଗୁଡିକ ସହିତ ସଂଯୋଗ ସ୍ଥାପନ କରିବାପାଇଁ **"ବିଜୁ ଏକ୍ସପ୍ରେସ ୱେ"** ନାମରେ ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି ଯାହାକି ଜଗଦଲପୁର ଓ ରାଉରକେଲା ମଧ୍ୟରେ ଏକ ଅର୍ଥନୈତିକ କରିଡର ଭାବରେ କାର୍ଯ୍ୟକରିବ ଏବଂ ଏଥିପାଇଁ **150 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି ।

**11.5 ରାସ୍ତା ପାର୍ଶ୍ୱ ସୁଖସୁବିଧା** : ବିଗତ ବର୍ଷ ମାନଙ୍କରେ ରାଜ୍ୟରେ ସଡକ ବ୍ୟବସ୍ଥାରେ ପ୍ରଭୂତ ଉନ୍ନତି ଦେଖାଦେଇଛି । ଉକ୍ତ ଘଟଣାବଳୀ ସୂଚାଇ ଦିଏ ଯେ ରାସ୍ତା ପାର୍ଶ୍ୱ ସୁଖ ସୁବିଧାର ଉନ୍ନତି ନିମନ୍ତେ ଅଧିକ ପ୍ରୋତ୍ସାହନ ଆବଶ୍ୟକ । ରାଜ୍ୟର ମୁଖ୍ୟ ରାସ୍ତା ପାର୍ଶ୍ୱରେ

ସୌନ୍ଦର୍ଯ୍ୟପୂର୍ଣ୍ଣ ଓ ସୁ-ବ୍ୟବସ୍ଥିତ ଶୌଚାଳୟ ଉପଲବ୍ଧ କରାଇବାର ପ୍ରସ୍ତାବ ରହିଅଛି । ଏଥିପାଇଁ 2016-17 ଆର୍ଥିକ ବର୍ଷରେ **15 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି ।

11.6 **ଜଗନ୍ନାଥ ଏନକ୍ଲେଭ** : ପୁରୀ ଓଡିଶାର ଆଧ୍ୟାତ୍ମିକ ରାଜଧାନୀ ଭାବରେ ବିବେଚିତ । ଏହା ଭାରତର ଚାରି ଧାମରୁ ଗୋଟିଏ । ପୁରୀ ଠାରେ ବିଭିନ୍ନ ରାଜ୍ୟ ସରକାର ସେମାନଙ୍କର ନିବାସ ନିର୍ମାଣ ପାଇଁ ଜମି ପ୍ରଦାନ ନିମିତ୍ତ ପ୍ରସ୍ତାବ ରଖିଛନ୍ତି । ବିଭିନ୍ନ ରାଜ୍ୟ ସରକାଙ୍କ ଅତିଥି ମାନଙ୍କର ରହିବାପାଇଁ ରାଜ୍ୟ ଭବନ ନିର୍ମାଣ ପାଇଁ ପୁରୀ ଠାରେ ମୌଳିକ ଭିତ୍ତିଭୂମି ସୁବିଧା ସହ ଜମି ଯୋଗାଇ ଦେବାର ପ୍ରସ୍ତାବ ରହିଛି । ଉକ୍ତ ପ୍ରସ୍ତାବିତ **ଜଗନ୍ନାଥ ଏନକ୍ଲେଭ** ପାଇଁ 2016-17 ଆର୍ଥିକ ବର୍ଷରେ **5 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି ।

11.7 **ହବିଷିଆଳୀ ମାନଙ୍କପାଇଁ ଆଶ୍ରୟ ସ୍ଥଳ** : କାର୍ତ୍ତିକ ମାସରେ ବହୁଳ ଭାବରେ ମହିଳା ହବିଷିଆଳୀ ପୁରୀ ଠାରେ ପାରମ୍ପରିକ ପୂଜା ବିଧି ପାଳନ ପାଇଁ ଏକତ୍ରିତ ହୋଇଥାନ୍ତି । ସେମାନଙ୍କ ସୁରକ୍ଷା, ନିରାପତ୍ତା, ଆରାମଦାୟକ ଓ ମର୍ଯ୍ୟାଦ ସମ୍ପନ୍ନ ରହଣି ପାଇଁ ସ୍ଥାୟୀ ନିବାସ ନିର୍ମାଣର ବ୍ୟବସ୍ଥା କରାଯାଉଛି । ଯେହେତୁ ଏହି ସ୍ଥାୟୀ ନିବାସ ନିର୍ମାଣ ସମୟ ସାପେକ୍ଷ ତେଣୁ 2015 ନବକଳେବର ସମୟରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ଆବାସ ଭଳି ଆବାସ ନିର୍ମାଣ କରାଯାଇ ବହିଷିଆଳି ମାନଙ୍କ ନିମନ୍ତେ ସମସ୍ତ ମୌଳିକ ସୁବିଧା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ 2016-17 ଆର୍ଥିକ ବର୍ଷରେ **1 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି ।

## 12. ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ

ଗ୍ରାମାଞ୍ଚଳ ଗୁଡ଼ିକରେ ଭିତ୍ତିଭୂମି ଉନ୍ନୟନ ଯଥା ଗ୍ରାମ୍ୟ ରାସ୍ତା ବିକାଶ, ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ଦ୍ୱାରା ଗ୍ରାମ୍ୟ ଜୀବନମାନର ଗୁଣାତ୍ମକ ଉନ୍ନତି ସମ୍ଭବ ହୋଇପାରିବ । ଗ୍ରାମାଞ୍ଚଳରେ ରାସ୍ତା ଓ ସେତୁର ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ, ଜଳଯୋଗାଣ, ପରିମଳ ବ୍ୟବସ୍ଥା ଏବଂ ସରକାରୀ କୋଠାବାଡ଼ି ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିମନ୍ତେ 2016-17 ଆର୍ଥିକ ବର୍ଷରେ **6489 କୋଟି 86 ଲକ୍ଷ** ଟଙ୍କାର ବ୍ୟୟବରାଦ କରାଯାଇଛି । ତନ୍ମଧ୍ୟରୁ 5198 କୋଟି 23 ଲକ୍ଷ ଟଙ୍କା ରାଜ୍ୟ ଯୋଜନାର ଅନ୍ତର୍ଭୁକ୍ତ ।

12.1 ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (PMGSY) ବାବଦକୁ **2300 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି । 2016-17 ଆର୍ଥିକ ବର୍ଷରେ ଉକ୍ତ ଯୋଜନାରେ 3200 କିଲୋମିଟର ରାସ୍ତା ନିର୍ମାଣର ଲକ୍ଷ୍ୟ ରଖାଯାଇଛି । ରାଜ୍ୟ ସରକାର ତାଙ୍କର ରାଜ୍ୟ ଅଂଶ ବାବଦକୁ ତନ୍ମମଧ୍ୟରୁ 40 ପ୍ରତିଶତ ଅର୍ଥ ବହନ କରିବେ । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ଅନ୍ୟାନ୍ୟ ଭାରତ ସରକାରଙ୍କ ଯୋଜନା ପରିସରଭୁକ୍ତ ହୋଇନଥିବା ଗ୍ରାମ ଗୁଡିକୁ ସବୁ ଦିନିଆ ସଂଯୋଗ ପାଇଁ 2014-15 ଆର୍ଥିକ ବର୍ଷଠାରୁ ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (NABARD) ସହାୟତାରେ **"ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା"** କାର୍ଯ୍ୟକାରୀ କରାଯାଇଛି ।

12.2 ବିଜୁ ସେତୁ ଯୋଜନା (BSY) ଅନ୍ତର୍ଗତ ଗ୍ରାମାଞ୍ଚଳ ଗୁଡିକରେ ସବୁଦିନିଆ ଯାତାୟତ ସଂଯୋଗ ସ୍ଥାପନ ପାଇଁ 150 ଗୋଟି

ନୂତନ ସେତୁ ଓ 364 ଗୋଟି ନିର୍ମାଣଧିନ ସେତୁ  ନିମନ୍ତେ **400 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି । ସେହିପରି ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧିନରେ ଚାଲୁ ରହିଥିବା ସେତୁ ଗୁଡିକର ନିର୍ମାଣ ଓ ଗ୍ରାମ୍ୟ ରାସ୍ତା ଗୁଡିକର ଉନ୍ନତିକରଣ ପାଇଁ **75 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି । ଆଇ.ଏ.ପି. ଜିଲ୍ଲା ଗୁଡିକରେ ଅଗମ୍ୟ ଅଞ୍ଚଳରେ **ଲୌହ ଝୁଲା ସେତୁ** (Bailey Bridge) ନିର୍ମାଣ ପାଇଁ **70 କୋଟି** ଟଙ୍କାର ବ୍ୟୟ ବରାଦ କରାଯାଇଛି ।

12.3 ଜାତିସଂଘ ଦ୍ଵାରା ଗୃହୀତ ପୋଷଣୀୟ ବିକାଶ ଲକ୍ଷ୍ୟ ମଧ୍ୟରେ ସ୍ଵଚ୍ଛ ଜଳ ଓ ପରିମଳ ବ୍ୟାବସ୍ଥାକୁ ଅନ୍ତର୍ଭୁକ୍ତ କରାଯାଇଛି । 2016-17 ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ 600 ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ, 500  ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ପରିବୃଦ୍ଧି, 1000  ନଳକୂପ ସଂସ୍ଥାପନ, 2500 ସୌର ଦ୍ୱୈତ ପମ୍ପର ସଂସ୍ଥାପନ ଓ ବଦଳିକରଣ, 300 ଓଭରହେଡ୍ ଟାଙ୍କି ନିର୍ମାଣ ଓ 500 ଲୌହ ପୃଥକୀକରଣ ୟୁନିଟ୍ ନିମନ୍ତେ **988 କୋଟି 20 ଲକ୍ଷ** ଟଙ୍କାର ବ୍ୟୟବରାଦ  କରାଯାଇଛି । "**ସ୍ଵଚ୍ଛ ଭାରତ ମିଶନ**" ପାଇଁ **740 କୋଟି 43 ଲକ୍ଷ** ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହା ଗ୍ରାମ୍ୟ ପରିମଳ ବ୍ୟାବସ୍ଥାର ଉନ୍ନତିକରଣ ପାଇଁ ସହାୟକ ହେବ ଏବଂ MGNREGA ଓ IAY ଯୋଜନା ସହିତ ଏକାଭିମୁଖୀ ହୋଇ କାର୍ଯ୍ୟକରିବ ।

## 13. **ସହାରାଞ୍ଚଳ ଭିତ୍ତିଭୂମି ଓ ପରିମଳ ବ୍ୟବସ୍ଥାର ଉନ୍ନତିକରଣ**

ସହରୀକରଣ ଉନ୍ନୟନ ପ୍ରକ୍ରିୟାର ଏକ ଅଂଶ । ଏହା ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ପ୍ରଗତିର ପରିଚାୟକ । ତତ୍‌ସହିତ ଗୃହ ନିର୍ମାଣ, ପରିମଳ, ପରିବହନ, ଜଳ ଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତିର ଉନ୍ନତି ପାଇଁ ସରକାରୀ କ୍ଷେତ୍ରର ନିବେଶ ଉପରେ ନିର୍ଭରଶୀଳ । ସଂବହନୀୟ ବିକାଶ ଲକ୍ଷ୍ୟ ସହର ଗୁଡିକ ସମ୍ମିଳିତ ଭାବରେ ନିରାପଦରଖି ଓ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ କ୍ଷମତା ବୃଦ୍ଧି ନିମନ୍ତେ ପ୍ରବର୍ତ୍ତାଇ ଥାଏ । ତଦନୁଯାୟୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିମନ୍ତେ **3357 କୋଟି 10 ଲକ୍ଷ** ଟଙ୍କାର ବ୍ୟୟ ବରାଦ କରାଯାଇଛି ।

13.1 ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଦ୍ୱାରା ସୁପାରିଶକ୍ରମେ ଭାରତ ସରକାରଙ୍କ ଠାରୁ ପ୍ରାପ୍ୟ 305 କୋଟି 06 ଲକ୍ଷ ଟଙ୍କାର ଅନୁଦାନ ସହାରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥା ଗୁଡ଼ିକୁ ପ୍ରଦାନ କରାଯିବ । ସେହିପରି ଚତୁର୍ଥ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶକ୍ରମେ 2016-17 ଆର୍ଥିକ ବର୍ଷରେ ସହରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥା ଗୁଡ଼ିକୁ **949 କୋଟି 8 ଲକ୍ଷ** ଟଙ୍କା ହସ୍ତାନ୍ତରିତ ହେବ ।

13.2 ସହରାଞ୍ଚଳରେ ଆଂଶିକ ରୂପେ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିବା ୱାର୍ଡରେ ଓ ଏଥିରୁ ବଞ୍ଚିତ ୱାର୍ଡଗୁଡିକରେ ରାଜ୍ୟ ଯୋଜନାରେ **150 କୋଟି** ଟଙ୍କାରେ ଜଳଯୋଗାଣ ବ୍ୟବସ୍ଥା ପାଇଁ ବ୍ୟୟବରାଦ କରାଯାଇଛି ଓ ଅଣ ଯୋଜନା କ୍ଷେତ୍ରରେ ସହରାଞ୍ଚଳ ଜଳ

ଯୋଗଣ ପ୍ରକଳ୍ପ ଓ ରାସ୍ତା ନିର୍ମାଣ ଓ ରକ୍ଷଣା ବେକ୍ଷଣ ପାଇଁ **223 କୋଟି 31 ଲକ୍ଷ** ଟଙ୍କାର ବ୍ୟୟ ବରାଦ କରାଯାଇଛି ।

13.3 ଜାତୀୟ ସହରାଞ୍ଚଳ ଜୀବିକା ମିଶନ (NULM) ପାଇଁ **37 କୋଟି 25 ଲକ୍ଷ** ଟଙ୍କାର ବ୍ୟୟ ବରାଦ କରାଯାଇଛି ଓ ରାଜ୍ୟରେ କେନ୍ଦ୍ର ଯୋଜନାରୁ ବାଦ ପଡ଼ିଥିବା ମୋଟ 77ଟି ସହରାଞ୍ଚଳ ଉନ୍ନୟନ ସଂସ୍ଥା ପାଇଁ "**ଓଡ଼ିଶା ସହରାଞ୍ଚଳ ଜୀବିକା ମିଶନ**" (OULM) ମାଧ୍ୟମରେ **20 କୋଟି** ଟଙ୍କାର ବ୍ୟୟ ବରାଦ କରାଯାଇଛି। ସହରାଞ୍ଚଳରେ ପରିମଳ ବ୍ୟବସ୍ଥାର ଉନ୍ନତିକରଣ ପାଇଁ "**ସ୍ୱଚ୍ଛ ଭାରତ**" ମିଶନ ନିମିତ୍ତ **100 କୋଟି** ଟଙ୍କାର ବ୍ୟୟ ବରାଦ କରାଯାଇଛି ।

13.4 ଏହା ଆମ ପାଇଁ ଗର୍ବର ବିଷୟ ଯେ ଭାରତର ୨୦ଟି ସହର ମଧ୍ୟରୁ ଆମ ରାଜଧାନୀ ଭୁବନେଶ୍ୱର ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହେବା ସତ୍ତ୍ୱେ ସ୍ମାର୍ଟ ସହର ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଛି । ଆମ ସମସ୍ତଙ୍କର ସହଯୋଗରେ ଭୁବନେଶ୍ୱର ଏକ ବିଶ୍ୱସ୍ତରୀୟ ସହରରେ ପରିଣତ ହୋଇପାରିବ । ଦେଶର ସ୍ମାର୍ଟ ସହର ତାଲିକାରେ ଥିବା ଭୁବନେଶ୍ୱର ସହରର ଉନ୍ନତି କରଣ ନିମିତ୍ତ "**ସ୍ମାର୍ଟ ସିଟି ମିଶନ**" ପାଇଁ 2016-17 ଆର୍ଥିକ ବର୍ଷରେ **333 କୋଟି 33 ଲକ୍ଷ** ଟଙ୍କାର ବ୍ୟୟ ବରାଦ କରାଯାଇଛି । ରାଜ୍ୟର ୨ ଗୋଟି ଯୋଗ୍ୟ ବିବେଚିତ ସହରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥା ଗୁଡିକରେ ଉନ୍ନତ ମାନର ମୌଳିକ ସେବ ଯୋଗାଇବା ପାଇଁ ଅଟଳ ମିଶନ ଅନ୍ତର୍ଗତ ସହର ନବୀକରଣ ଓ ସହର ପରିବର୍ତ୍ତନ (AMRUT) ଯୋଜନା ପାଇଁ **140 କୋଟି 15 ଲକ୍ଷ** ଟଙ୍କାର ବ୍ୟୟ ବରାଦ କରାଯାଇଛି ।

13.5 KfW ସହାୟତାରେ ବହିଃ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ (EAP) ଅନ୍ତର୍ଗତ ଓଡିଶା ସହର ଭିତ୍ତିଭୂମି ଉନ୍ନୟନ ପାଣ୍ଠି (OUIDF) ନିମିତ୍ତ **20 କୋଟି** ଟଙ୍କାର ବ୍ୟୟ ବରାଦ କରାଯାଇଛି ।

13.6 ରାଉରକେଲା ଓ ସମ୍ବଲପୁରରେ ନୂତନ Sewerage ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ବ୍ୟବସ୍ଥା କରାଯାଇଛି । 2016-17 ଆର୍ଥିକ ବର୍ଷରେ ନଗରାଞ୍ଚଳରେ Sewerage ବ୍ୟବସ୍ଥା ପାଇଁ **175 କୋଟି 1 ଲକ୍ଷ ଟଙ୍କା** ବ୍ୟୟ ବରାଦ କରାଯାଇଛି । ଏଥିରେ ଏହି ନୂତନ ପ୍ରକଳ୍ପ ମଧ୍ୟ ଅନ୍ତର୍ଭୁକ୍ତ । ଜାଇକା ସହାୟତାରେ ଭୁବନେଶ୍ୱର ଓ କଟକରେ ବହିଃ ସାହାଯ୍ୟ ପ୍ରକଳ୍ପ ଜରିଆରେ ପରବର୍ତ୍ତି ପର୍ଯ୍ୟାୟର Sewerage Sanitation ବ୍ୟବସ୍ଥା କରାଯାଉଛି । ଏହି ପ୍ରକଳ୍ପ ପାଇଁ **200 କୋଟି** ଟଙ୍କାର ବ୍ୟୟ ବରାଦ କରାଯାଇଛି ।

13.7 ପ୍ରଧାନମନ୍ତ୍ରୀ ଆବସ ଯୋଜନା (PMAY) ଅନ୍ତର୍ଗତ କାର୍ଯ୍ୟ ପାଇଁ **301 କୋଟି 48 ଲକ୍ଷ** ଟଙ୍କାର ବ୍ୟୟ ବରାଦ କରାଯାଇଛି । ରାଜ୍ୟ ଯୋଜନାରେ AWASS ଯୋଜନା ମାଧ୍ୟମରେ ସହରାଞ୍ଚଳ ଗୃହ ନିର୍ମାଣ ପାଇଁ **51 କୋଟି** ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏତଦ୍‌ବ୍ୟତୀତ ବିଶ୍ୱବ୍ୟାଙ୍କ ସହାୟତାରେ ବ୍ରହ୍ମପୁର ସହରର ବସ୍ତି ଗୁଡିକର ଭିତ୍ତିଭୂମି ଉନ୍ନତିକରଣ ପାଇଁ **40 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି ।

13.୫ ରାଜ୍ୟର ସହରାଞ୍ଚଳରେ ସାଧାରଣ ପରିବହନ ବ୍ୟବସ୍ଥାର ସଂପ୍ରସାରଣ ପାଇଁ ସହରାଞ୍ଚଳ ସଡକ ପରିବହନ ନିମିତ୍ତ 16 କୋଟି ୫7 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## 14. ଶକ୍ତି ନିରାପତ୍ତା ଓ ଶକ୍ତି ଭିତ୍ତିଭୂମି

ଶକ୍ତି ଅଭିବୃଦ୍ଧିକୁ ଗତିଶୀଳ କରେ । କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତିରେ ଶକ୍ତି ନିରାପତ୍ତାକୁ ସୁନିଶ୍ଚିତ କରିବା ଏକ ବିରାଟ ଆହ୍ୱାନ । ଆମ୍ଭେମାନେ ଏହି ବାସ୍ତବତା ବିଷୟରେ ଅବଗତ ଏବଂ ଏ ଦିଗରେ ଆମର ପ୍ରୟାସ ଜାରି ରଖିଛୁ । ଉଭୟ ଯୋଜନା ଓ ଅଣଯୋଜନାରେ ଶକ୍ତି ବିଭାଗ ପାଇଁ 2800 କୋଟି 92 ଲକ୍ଷ ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଅଛି ।

14.1 ରାଜ୍ୟର ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ବିଦ୍ୟୁତ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ, ନିର୍ଭରଶୀଳ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ 550 ଟି 33/11 କେ.ଭି. ସବ୍ ଷ୍ଟେସନ ନିର୍ମାଣ ପାଇଁ **600 କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଅଛି ।

14.2 100 ଜନ ସଂଖ୍ୟାରୁ କମ ଥିବା ଗ୍ରାମ/ଜନ ବସତିରେ ଯେଉଁଠି ବିଦ୍ୟୁତ୍ ସଂଯୋଗ ନାହିଁ; ରାଜ୍ୟ ସରକାର ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ପାଇଁ 2007-08 ମସିହା ଠାରୁ **"ବିଜୁ ଗ୍ରାମ ଜ୍ୟୋତି ଯୋଜନା"** ର ପ୍ରଣୟନ କରିଛନ୍ତି । ଏହି ଯୋଜନାରେ ଏପର୍ଯ୍ୟନ୍ତ 182602 ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ସହ 15539 ଜନ ବସତି ବିଦ୍ୟୁତୀକରଣ କରାଯାଇଛି । ଏହି ଯୋଜନା ପାଇଁ **255 କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରହିଛି ।

14.3 ରାଜ୍ୟ ରାଜଧାନୀରେ ବିଦ୍ୟୁତ ବ୍ୟବସ୍ଥାରେ ଉନ୍ନତିକରଣ (State Capital Region Improvement of Power System) ପାଇଁ **160 କୋଟି** ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟ ସରକାର K.B.K. ଓ

ପଶ୍ଚିମ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ବିଦ୍ୟୁତ ସଂପ୍ରସାରଣ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ OPTCL କୁ ପାଞ୍ଚ ବର୍ଷ ପାଇଁ ଅତିରିକ୍ତ ଅଂଶଧନ ବାବଦକୁ 300 କୋଟି ଟଙ୍କା ପ୍ରଦାନର ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ **50 କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରହିଛି ।

14.4 **"ହସ୍ତି ଅଳିନ୍ଦ ବ୍ୟବସ୍ଥାର ସୁଦୃଢୀକରଣ"** (Elephant Corridor) ପାଇଁ **20 କୋଟି** ଟଙ୍କା ଓ Smart Grid ଯୋଜନା ପାଇଁ **20 କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରହିଛି ।

14.5 କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା, ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତ କରଣ ଯୋଜନା (RGGVY) ରେ ରାଜ୍ୟ ସହାୟତା ବାବଦକୁ **100 କୋଟି** ଟଙ୍କା ଓ ଦୀନଦୟାଲ ଉପାଧ୍ୟାୟ ଗ୍ରାମ୍ୟ ଜ୍ୟୋତି ଯୋଜନା (DDUGJY)ରେ ରାଜ୍ୟ ସହାୟତା ବାବଦକୁ **100 କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରହିଛି ।

14.6 ସମନ୍ୱିତ ଶକ୍ତି ବିକାଶ ଯୋଜନା (Integrated Power Development Scheme) ପାଇଁ **50 କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଅଛି ।

## 15. ଉତ୍ପାଦନ ଓ ଶିଳ୍ପ କ୍ଷେତ୍ର

ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟି ପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ପୋଷଣୀୟ ବିକାଶ ଜରୁରୀ ଅଟେ । ଆମେ ବିତ୍ତୀୟ ଓ ଅଣବିତ୍ତୀୟ ପ୍ରୋତ୍ସାହନ ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏହା ଶିଳ୍ପ

କ୍ଷେତ୍ରରେ ଏକକ ବାତାୟନ ପ୍ରକ୍ରିୟା (Single Window Mechanisim) ମାଧ୍ୟମରେ ସଫଳ ପୁଞ୍ଜି ନିବେଶ ଏବଂ ଅନୁକୂଳ ବାତାବରଣ ସୃଷ୍ଟି କରିବ । ଏଥିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଗୁଡିକ ଅନ୍ତର୍ଭୁକ୍ତ । ଏହି ଯୋଜନାରେ **203 କୋଟି 87 ଲକ୍ଷ** ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରହିଛି ।

ଆମର ସରକାର ରାଜ୍ୟରେ ପୁଞ୍ଜି ନିବେଶକୁ ଆକର୍ଷିତ କରିବା ପାଇଁ ନୂତନ ଶିଳ୍ପ ନୀତି ସଂକଳ୍ପ, 2015 (New Industrial Policy Resolution, 2015) ସହିତ ନିର୍ଦ୍ଦେଶାବଳୀ  ଜାରି କରିଛନ୍ତି । ନିକଟରେ ମୁମ୍ବାଇରେ ଅନୁଷ୍ଠିତ ପରିଚାଳନାଗତ "**Make in India**" ସପ୍ତାହରେ ଓଡିଶା ଶିଳ୍ପ କ୍ଷେତ୍ରରେ ପୁଞ୍ଜି ନିବେଶର ପରିସର ଓ ସୁଯୋଗକୁ ସଫଳ ଭାବେ ଉପସ୍ଥାପନ କରିପାରିଛି । "**ସହଜରେ ବ୍ୟବସାୟ କରିବା**" ରାଜ୍ୟ ଭାବରେ ବିଶ୍ୱବ୍ୟାଙ୍କ ଓଡିଶାକୁ ଦେଶର ସପ୍ତମ ସ୍ଥାନରେ ସ୍ଥାନିତ କରିଛି । ଏ ଦିଗରେ ଆମର ଫଳାଫଳର ଉନ୍ନତି ଆଣିବା ପାଇଁ ଓଡିଶା ସତତ ଉଦ୍ୟମରତ ।

15.1 ଶିଳ୍ପ ନୀତି ସଂକଳ୍ପ ମାଧ୍ୟମରେ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ **22 କୋଟି** ଟଙ୍କାର ବ୍ୟୟ ବରାଦ  କରାଯାଇଛି । ଏଥି ସହ IDCO ଅଧୀନରେ ଶିଳ୍ପ କ୍ଷେତ୍ରରେ ଭିତ୍ତି ସଂରଚନାର ବିକାଶ ପାଇଁ **10 କୋଟି** ଟଙ୍କାର ଆର୍ଥିକ ସହାୟତା  ଯୋଗାଇ ଦେବାର ବ୍ୟୟ ବରାଦ ପ୍ରସ୍ତାବ ଅଛି ।

15.2 ଶିଳ୍ପ ପ୍ରୋତ୍ସାହନ କାର୍ଯ୍ୟକ୍ରମରେ IPICOL କୁ ଗତ ବର୍ଷ **4 କୋଟି** ଟଙ୍କାର ଅନୁଦାନ ଦିଆଯାଇଥିବା ବେଳେ ବର୍ତ୍ତମାନ ଏହାକୁ **15**

**କୋଟି** ଟଙ୍କାକୁ ବୃଦ୍ଧି କରାଯାଇଛି । "**ଶିଳ୍ପକ୍ଷେତ୍ରରେ ଭିତ୍ତିଭୂମି ଉନ୍ନୟନ ପାଣ୍ଠି**" (Industrial Infrastruture Development Fund) ର ପ୍ରତିଷ୍ଠା ବାବଦରେ **10 କୋଟି** ଟଙ୍କାର କର୍ପସ୍ ପାଣ୍ଠି ପାଇଁ ବ୍ୟୟ ବରାଦ କରାଯାଇଛି ଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ବିକାଶ ପାଇଁ ଆର୍ଥିକ ସହାୟତା ନିମନ୍ତେ **31 କୋଟି** ଟଙ୍କା ବ୍ୟୟ ବରାଦ କରାଯାଇଛି ।

15.3 ବିଜୁ ଆତ୍ମନିଯୁକ୍ତି ଯୋଜନାରେ **10 କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଅଛି ।

## 16. ପରମ୍ପରା, ସଂସ୍କୃତି ଓ ପର୍ଯ୍ୟଟନର ପାଇଁ ପ୍ରୋତ୍ସାହନ

ଓଡିଶାର ସାଂସ୍କୃତିକ ପରମ୍ପରା ଅତି ପ୍ରାଚୀନ ଏବଂ ବହୁମୁଖୀ । ରାଜ୍ୟର ସାଂସ୍କୃତିକ ପରମ୍ପରା ଓ ପରିଚୟ କ୍ଷେତ୍ରରେ ଜଗନ୍ନାଥ ସଂସ୍କୃତି ନାଭିକେନ୍ଦ୍ର ରୂପେ ବିବେଚିତ । ଏହି କ୍ଷେତ୍ର ନିମନ୍ତେ ମୋଟ **242 କୋଟି 54 ଲକ୍ଷ** ଟଙ୍କାର ବ୍ୟୟବରାଦ କରାଯାଇଛି ।

16.1 **କଳା ମଣ୍ଡଳ ପ୍ରକଳ୍ପ** : ଓଡିଶାର ସମୃଦ୍ଧ ପ୍ରଦର୍ଶନ କଳା ଓ ଐତିହ୍ୟକୁ ଉପଯୁକ୍ତ ଭିତ୍ତିଭୂମି ପ୍ରଦାନ କ୍ଷେତ୍ରରେ କଳା ମଣ୍ଡଳ ପ୍ରକଳ୍ପ ଏକ ଅନନ୍ୟ ପଦକ୍ଷେପ । ମୋଟ **45 କୋଟି 37 ଲକ୍ଷ** ଟଙ୍କା ଆକଳନରେ ଏହି ପ୍ରକଳ୍ପଟିକୁ ଭୁବନେଶ୍ୱରର ଗାଡକଣ ଠାରେ 6 ଏକର ପରିମିତ ଜମି ଉପରେ ଆରମ୍ଭ କରାଯାଇଅଛି । ଏହି ପ୍ରକଳ୍ପ ପାଇଁ **5 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି ।

16.2 **ଓଡିଆ ଭର୍ଚୁଆଲ ଏକାଡେମୀ**

ସଦ୍ୟ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ସମୃଦ୍ଧ ଓଡିଆ ଭାଷାର ଭଣ୍ଡାରକୁ ସହଜ ଓ ସରଳ ଭାଷାରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ଓଡିଆ ଭର୍ଚୁଆଲ ଏକାଡେମୀ ପ୍ରତିଷ୍ଠା କରିବାପାଇଁ ପ୍ରସ୍ତାବ ରଖିଛନ୍ତି । ଓଡିଆ ଭାଷା ଶିକ୍ଷା ଏବଂ ଏହାର ଇତିହାସ, କଳା, ସାହିତ୍ୟ ଓ ସଂସ୍କୃତିରେ ରୁଚି ରଖୁଥିବା ବ୍ୟକ୍ତି ମାନଙ୍କ ପାଇଁ ଇଣ୍ଟରନେଟ ମାଧ୍ୟମରେ ସୂଚନା ଉପଲବ୍ଧ ହୋଇପାରିବ । ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ଏଥିପାଇଁ **1 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି ।

16.3 **ଓଡିଆ ଭାଷା ପ୍ରତିଷ୍ଠାନ**

ଓଡିଆ ଭାଷା ଓ ଗବେଷଣାକୁ ବିଶେଷ ଗୁରୁତ୍ୱ ଦେବା ନିମନ୍ତେ ଓଡିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱରକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ସ୍ଥାନାନ୍ତର କରି ସଂସ୍କୃତି ବିଭାଗ ଅଧୀନକୁ ଅଣାଯାଇଛି । 2016-17 ଆର୍ଥିକ ବର୍ଷରେ ଓଡିଆ ଭାଷା ପ୍ରତିଷ୍ଠାନ ଦୁଇଟି ସଂକଳନ ଯଥା **'ଓଡିଆ ଭାଷାର ଇତିହାସ'** ଏବଂ **'ଚଳନ୍ତି ଓଡିଆ ଶବ୍ଦକୋଷ'** ପ୍ରକାଶ କରିବ । ଏଥିପାଇଁ ବଜେଟ୍‌ରେ **1 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଅଛି ।

16.4 **ଭାଗବତ ଟୁଙ୍ଗିର ପୁନରୁଦ୍ଧାର** : ଓଡିଶାରେ ପ୍ରତ୍ୟହ ଘରେ ଘରେ ଅତିବଡି ଜଗନ୍ନାଥ ଦାସଙ୍କର ରଚିତ ସମ୍ପୂର୍ଣ୍ଣ **"ଶ୍ରୀମଦ୍ ଭାଗବତ"** ପାଠ କରାଯାଏ । ଶ୍ରୀମଦ୍ ଭାଗବତର ନିୟମିତ ପାଠ ଦ୍ୱାରା ଆଧ୍ୟାତ୍ମିକ ଚେତନାର ଉଦ୍ରେକ ହୋଇଥାଏ,ଯାହାର ଦୃଢ଼ ସାକ୍ଷ୍ୟ ହେଉଛି **"ଓଡିଆ**

**ଭାଗବତ ଟୁଙ୍ଗି**" । ଭାଗବତ ବାସ୍ତବରେ ଜୀବନର ସହଚର, କୋଟି କୋଟି ଓଡିଆର ଜ୍ଞାନ ଓ ଭକ୍ତିର ପଥ ପ୍ରଦର୍ଶକ । 2015-16 ଆର୍ଥିକ ବର୍ଷରେ 1200 ଭାଗବତ ଟୁଙ୍ଗିର ପୁନଃରୁଦ୍ଧାର ପାଇଁ ପ୍ରତି ଟୁଙ୍ଗିପିଚ୍ଛା 25000 ହଜାର ଟଙ୍କା ହାରରେ ମୋଟ 3 କୋଟି ଟଙ୍କା ବ୍ୟୟବରାଦ କରାଯାଇ ଥିବା ବେଳେ 2016-17 ଆର୍ଥିକ ବର୍ଷରେ ଆହୁରି ଅଧିକ 1200 ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ **3 କୋଟି** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଅଛି ।

16.5 **ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଓଡିଆ ଚେୟାର ପ୍ରତିଷ୍ଠା** :

ଓଡିଆ ଭାଷା ଓ ସାହିତ୍ୟକୁ ପ୍ରୋତ୍ସାହିତ କରିବାପାଇଁ ଭାରତୀୟ ଭାଷାକେନ୍ଦ୍ର, ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀରେ ଆଦିକବି ଶାରଳା ଦାସ ଚେୟାର ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ରହିଛି । ଏହି ଚେୟାର ପ୍ରତିଷ୍ଠା ପାଇଁ ଆସନ୍ତା ତିନି ବର୍ଷ ନିମନ୍ତେ ବାର୍ଷିକ 44 ଲକ୍ଷ ଟଙ୍କା ହାରରେ ପୌନଃପୌନିକ ଅନୁଦାନ ରାଶି ପ୍ରଦାନ କରାଯିବ । ସେହିପରି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଓଡିଆ ଚେୟାର ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ କରାଯାଉଛି । ଆହୁରି ମଧ୍ୟ ଆମ ରାଜ୍ୟର ସମ୍ବଲପୁର, ବ୍ରହ୍ମପୁର ଓ ଫକୀର ମୋହନ ବିଶ୍ୱ ବିଦ୍ୟାଳୟରେ ଓଡିଆ ଭାଷା ଓ ସାହିତ୍ୟ ଗବେଷଣା ନିମନ୍ତେ 3 ଟି ଚେୟାର ପ୍ରତିଷ୍ଠା କରିବାର ପ୍ରସ୍ତାବ ରହିଛି । ଏଥିପାଇଁ **2 କୋଟି** ଟଙ୍କାର ବ୍ୟୟବରାଦର ପ୍ରସ୍ତାବ ଅଛି ।

## 16.6 ଓଡିଶା ସାହିତ୍ୟ ଏକାଡେମୀର ଓଡିଆ ଭାଷା ଉନ୍ନତିକରଣ କାର୍ଯ୍ୟକ୍ରମ

ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରିପ୍ରେକ୍ଷୀରେ ଏହି ଭାଷାର ପ୍ରାଚୀନ ସମୃଦ୍ଧ ସାହିତ୍ୟିକ ଇତିହାସ, ଶିଳାଲେଖର ପରମ୍ପରା, ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି, ଭାଷା ସାହିତ୍ୟ, ବ୍ୟାକରଣ ଏବଂ ଲୋକ ପରମ୍ପରାକୁ ଲିପିବଦ୍ଧ କରିବାର ଆବଶ୍ୟକତା ରହିଛି । ଏହି ଉଦ୍ଦେଶ୍ୟରେ ଧ୍ୟାନକେନ୍ଦ୍ରୀତ ଗବେଷଣା ଓ ମୁଦ୍ରଣ କାର୍ଯ୍ୟ ପାଇଁ ବଜେଟ୍‌ରେ 1 କୋଟି ଟଙ୍କାର ବ୍ୟୟବରାଦ କରାଯାଇଅଛି ।

## 17. ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ସୃଷ୍ଟି

ବେକାରୀ ଏବଂ ଅର୍ଦ୍ଧ ନିଯୁକ୍ତି ଆମ ପାଇଁ ଦୁଇଟି ମୂଖ୍ୟ ସମସ୍ୟା ଅଟେ । ସାମାଜିକ ଓ ଅର୍ଥନୈତିକ ସ୍ଥିରତା ପାଇଁ ଆମ ଯୁବକମାନଙ୍କୁ କୁଶଳୀ କରି ବିଭିନ୍ନ ସୁଯୋଗ ହାସଲ କରିବା ନିମନ୍ତେ ଦକ୍ଷତା ପ୍ରଦାନ କରିବା ଏକ ମାତ୍ର ମାର୍ଗ ଅଟେ । ଦକ୍ଷତା ବୃଦ୍ଧି ପାଇଁ ପରିବେଶର ଉନ୍ନତି ପାଇଁ ଏସୀୟ ଉନ୍ନୟନ ବ୍ୟାଙ୍କରୁ ଆର୍ଥିକ ଓ ବୈଶୟିକ ସହାୟତା ମଗାଯାଇଛି । ଏହି ବିଭାଗ ପାଇଁ **629 କୋଟି 70 ଲକ୍ଷ** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଅଛି । ତନ୍ମଧ୍ୟରୁ ଏସୀୟ ଉନ୍ନୟନ ବ୍ୟାଙ୍କ ସହାୟତା ପ୍ରକଳ୍ପ ପାଇଁ 100 କୋଟି ଟଙ୍କା ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ/ଯାନ୍ତ୍ରୀକ ବିଦ୍ୟାଳୟ, ପଲିଟେକ୍‌ନିକ୍ସ ଏବଂ ଆଟିଆଇ ର ଭିତ୍ତିଭୂମି ଉନ୍ନୟନ ପାଇଁ 225 କୋଟି ଟଙ୍କା ଉଦ୍ଦିଷ୍ଟ ।

## 18. ଅନ୍ୟାନ୍ୟ ଆର୍ଥିକ ସେବା

### 18.1 **ଜଙ୍ଗଲ ଓ ପରିବେଶ** :

ଜଙ୍ଗଲ ଓ ପରିବେଶ ବିଭାଗ ପାଇଁ **603 କୋଟି 22 ଲକ୍ଷ** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଅଛି । ତନ୍ମଧ୍ୟରୁ **90 କୋଟି** ଟଙ୍କା ସବୁଜ ବଳୟ ବୃଦ୍ଧି ପାଇଁ ଉଦ୍ଦିଷ୍ଟ ।

18.1.1 ପରିବେଶ ପର୍ଯ୍ୟଟନ ପାଇଁ ରାଜ୍ୟରେ ପ୍ରଚୁର ସୁବିଧା ସୁଯୋଗ ଅଛି । ପ୍ରକୃତିଦତ୍ତ ପ୍ରାଚୀନ ବେଳାଭୂମି, ଚିଲିକା ହ୍ରଦ, ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଉଦ୍‌ଭିଦରାଜି ଓ ବନ୍ୟପ୍ରାଣୀ, ଅଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରାକୃତିକ ବାସସ୍ଥଳୀ ଇତ୍ୟାଦିର ଆମେ ସମସ୍ତେ ଉତ୍ତରାଧିକାରୀ । ଏହାକୁ ସଂରକ୍ଷଣ କରିବା ଏବଂ ଏକ ପୋଷଣୀୟ ଓ ଉତ୍ତରଦାୟୀ ପରିବେଶ ସୃଷ୍ଟି କରିବାର ଦାୟିତ୍ୱ ଆମର । ଆମେ ବିଶ୍ୱାସ କରୁ ଯେ ଏହା ବିଭିନ୍ନ ଗୋଷ୍ଠୀ ଏବଂ ସେମାନଙ୍କର ନିକଟସ୍ଥ ପରିବେଶ ମଧ୍ୟରେ ଏକ ଉତ୍ତମ ସନ୍ତୁଳନ ସୃଷ୍ଟି କରିବ । ଏହା ଉଭୟ ବଜେଟ୍ ଅନ୍ତର୍ଗତ ଏବଂ ବଜେଟ୍ ବର୍ହିଃଭୂତ ସମ୍ବଳ ଦ୍ୱାରା ସମ୍ଭବ । ରାଜ୍ୟର ପରିବେଶ ପର୍ଯ୍ୟଟନ ଉନ୍ନତି ପାଇଁ ବଜେଟ୍‌ରେ **10 କୋଟି** ଟଙ୍କା ବ୍ୟୟବରାଦ କରାଯାଇଛି ।

18.1.2 ଜଙ୍ଗଲ ଓ ପରିବେଶ ବିଭାଗରେ 11 ଟି କ୍ଷେତ୍ର ଯଥା କୃଷି, ବେଳାଭୂମି ଏବଂ ବିପର୍ଯ୍ୟୟ ପ୍ରଶମନ, ଶକ୍ତି, ମତ୍ସ୍ୟ ଓ ପଶୁସମ୍ପଦ, ଜଙ୍ଗଲ, ସ୍ୱାସ୍ଥ୍ୟ, ଶିଳ୍ପ, ଖଣି, ପରିବହନ ଏବଂ ଜଳ ସମ୍ପଦ କ୍ଷେତ୍ରର ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ ଓ ସମନ୍ୱୟ ପାଇଁ ଏକ ଜଳବାୟୁ ପରିବର୍ତ୍ତନ ଉପ ବିଭାଗ ଗଠନ କରାଯାଇଛି । ଏହି ଉପ ବିଭାଗର ଲକ୍ଷ୍ୟ

ହେଉଛି ବିଭିନ୍ନ ଉତ୍ସରୁ ନିର୍ଗତ ହେଉଥିବା ଅତ୍ୟଧିକ ଅଙ୍ଗାରକାମ୍ଳକୁ ପ୍ରତିହତ କରିବା । ପରିବେଶ ପରିବର୍ତ୍ତନ ଉପରେ ଜାତୀୟ କାର୍ଯ୍ୟାନ୍ୱୟନ ଯୋଜନା ଡାଞ୍ଚାରେ ଓଡିଶାରେ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ ହୋଇଛି । ଅନୁକୂଳନୀୟ ଏବଂ ପ୍ରଶମନ ଭିତ୍ତିକ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଭିତ୍ତିରେ ଚାଲୁରଖିବା ଏହି ଯୋଜନାର ଦୁଇଟି ଆଭିମୂଖ୍ୟ ।

18.2 **ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ଉନ୍ନୟନ** :

ଓଡ଼ିଶାର ସାଂସ୍କୃତିକ ବୟନ ସୃଜନାତ୍ମକ ଭାବେ ଏକ ସ୍ୱତନ୍ତ୍ର ଶୈଳୀର ନିଦର୍ଶନ । ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ପାରମ୍ପାରିକ ଦକ୍ଷତାର ପ୍ରତୀକ । ଏତଦ୍‌ବ୍ୟତୀତ ରେଶମ ଶିଳ୍ପ ଏବେ ଗୁରୁତ୍ୱ ଲାଭ କରୁଛି । ଏସବୁ କ୍ଷେତ୍ର ହଜାର ହଜାର ପରିବାରର ଜୀବିକା ନିର୍ବାହର ମୁଖ୍ୟ ଉତ୍ସ । ଏ ସବୁ କ୍ଷେତ୍ରରେ ବିଭିନ୍ନ ଯୋଜନା ପାଇଁ **217 କୋଟି 82 ଲକ୍ଷ** ଟଙ୍କାର ବ୍ୟୟବରାଦ କରାଯାଇଛି ।

18.2.1 **ଓଡିଶା ହସ୍ତଶିଳ୍ପ ଉନ୍ନୟନ ଏବଂ ଗ୍ରାମ୍ୟ ନିଯୁକ୍ତି "ଉତ୍କର୍ଷ"** ପ୍ରକଳ୍ପ ନାମରେ ଏକ ନୂତନ ଯୋଜନା ପ୍ରଣୟନ କରାଯାଇଛି । ଏଥିପାଇଁ ବଜେଟ୍‌ରେ **70 କୋଟି** ଟଙ୍କାର ବ୍ୟବସ୍ଥା ରଖାଯାଇଛି ।

18.3 **ଯୋଜନା ଓ ସଂଯୋଜନା** :

ଯୋଜନା ଓ ସଂଯୋଜନା ବିଭାଗରେ **815 କୋଟି 25 ଲକ୍ଷ** ଟଙ୍କାର ବ୍ୟୟବରାଦର ପ୍ରସ୍ତାବ ଅଛି । ମୁଖ୍ୟ ବ୍ୟୟବରାଦ ଗୁଡିକ ହେଲା - ପଶ୍ଚିମ ଓଡିଶା ବିକାଶ ପରିଷଦର ସ୍ୱତନ୍ତ୍ର ଯୋଜନା ଗୁଡିକ

ପାଇଁ **80 କୋଟି** ଟଙ୍କାର ଅନୁଦାନ, Viability Gap Fund ପାଇଁ **40 କୋଟି** ଟଙ୍କା, ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମ ପାଇଁ **79 କୋଟି 72 ଲକ୍ଷ** ଟଙ୍କା, ବିଜୁ କେ.ବି.କେ ଯୋଜନା ପାଇଁ **120 କୋଟି** ଟଙ୍କା, ପଛୁଆ ଆଦିବାସୀ ଏବଂ ନକ୍ସଲ ପ୍ରଭାବିତ ଜିଲ୍ଲାର ଗ୍ରାମାଞ୍ଚଳ ସଂଯୋଗୀକରଣ ପାଇଁ **100 କୋଟି** ଟଙ୍କା, ବିଜୁ କନ୍ଧମାଳ ଓ ଗଜପତି ଯୋଜନା ପାଇଁ **28 କୋଟି 50 ଲକ୍ଷ** ଟଙ୍କା ଏବଂ ସ୍ୱତନ୍ତ୍ର ସମସ୍ୟା ପାଣ୍ଠି ପାଇଁ **40 କୋଟିର** ବ୍ୟବସ୍ଥା କରାଯାଇଛି । ଜିଲ୍ଲା ଯୋଜନା ପାଇଁ "Critical Gap Fund" ନାମରେ ଏକ ନୂତନ ଯୋଜନା ପ୍ରଣୟନ କରାଯାଇଛି ଏବଂ ଏଥିପାଇଁ ବଜେଟ୍‌ରେ **42 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି ।

18.4 **ପରିବହନ ବିଭାଗ** :

ପରିବହନ ବିଭାଗରେ **383 କୋଟି 83 ଲକ୍ଷ** ଟଙ୍କାର ବ୍ୟୟବରାଦ କରାଯାଇଛି । ବିଗତ ବର୍ଷ ତୁଳନାରେ ଏହା 69.78 ପ୍ରତିଶତ ଅଧିକ ଅଟେ । ଏଥିରେ ବିଶେଷ ପ୍ରୟୋଜନ ମାଧ୍ୟମ ସଂସ୍ଥା (Special Purpose Vehicle) ଜରିଆରେ ନୂତନ ରେଳ ପ୍ରକଳ୍ପର ବିକାଶ ନିମିତ୍ତ ରାଜ୍ୟର ଅଂଶ ବାବଦକୁ **260 କୋଟି** ଟଙ୍କା ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପ ଗୁଡିକ ମଧ୍ୟରେ ଚାଲୁ ରହିଥିବା ଖୋର୍ଦ୍ଧା, ବଲାଙ୍ଗିର (ଦଶପଲ୍ଲା-ବଲାଙ୍ଗିର ଉପଖଣ୍ଡ), 2016-17 ରେଳ ବଜେଟ୍‌ରେ ମଞ୍ଜୁର ହୋଇଥିବା ନୂତନ ପ୍ରକଳ୍ପ ଯଥା **ଜୟପୁର-ମାଲକାନାଗିରି** ଏବଂ **ଜୟପୁର-ନବରଙ୍ଗପୁର** ନୂତନ ରେଳ ଲାଇନ୍ ଅନ୍ତର୍ଭୁକ୍ତ । **ଭୁବନେଶ୍ୱର ରେଳ ଷ୍ଟେସନର ପୁନଃ ଉନ୍ନୟନ ଓ ଆଧୁନିକୀକରଣ** ନିମିତ୍ତ ଅର୍ଥ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି ।

18.5 **ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** :

ଖାଦ୍ୟ ନିରାପତ୍ତା ବ୍ୟବସ୍ଥା କଥା ଚିନ୍ତା କଲେ ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ସୁଦୀର୍ଘ ଓ କଣ୍ଟକିତ ଯାତ୍ରା ମନକୁ ଆସେ । ଏହା ଏକ କଷ୍ଟକର କାର୍ଯ୍ୟ ଅଟେ । ଜନସାଧାରଣଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବା ଆମର ମୂଖ୍ୟ ପ୍ରାଥମିକତା ।

18.5.1 ରାଜ୍ୟର ଜନସାଧାରଣଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବା ପାଇଁ **954 କୋଟି 56 ଲକ୍ଷ** ଟଙ୍କାର ବ୍ୟୟବରାଦ କରାଯାଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ 2013 ର କାର୍ଯ୍ୟାନ୍ୱୟନର ଯାଞ୍ଚ ଏବଂ ସମୀକ୍ଷା ଉଦ୍ଦେଶ୍ୟରେ **"ଓଡିଶା ରାଜ୍ୟ ଖାଦ୍ୟ କମିଶନ"** ଗଠନ କରାଯାଇଛି । ଏହି କମିଶନ ପାଇଁ 1 କୋଟି 75 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

19. **ସାଧାରଣ ସେବା**

ଆଇନ ଶୃଙ୍ଖଳା ପରିଚାଳନା, ଶାନ୍ତି ଓ ସୌହାର୍ଦ୍ଦ୍ୟ, ଉତ୍ତମ ପ୍ରଶାସନର ମୂଳମନ୍ତ୍ର ଅଟେ ଏବଂ ଏହା ରାଜ୍ୟର ଅଭିବୃଦ୍ଧି ଓ ସ୍ଥିରତାକୁ ପରିପୁଷ୍ଟ କରେ । ନ୍ୟାୟ ପରିଚାଳନା, ଆଭ୍ୟନ୍ତରୀଣ ନିରାପତ୍ତା ଏବଂ ରାଜସ୍ୱ ପ୍ରଶାସନ ପାଇଁ 2016-17 ଆର୍ଥିକ ବର୍ଷ ପାଇଁ ଯଥେଷ୍ଟ ବ୍ୟୟ ବରାଦ କରାଯାଇଛି ।

19.1 **ଆଭ୍ୟନ୍ତରୀଣ ନିରାପତ୍ତା ଓ ନ୍ୟାୟ ପରିଚାଳନା**

ଆଭ୍ୟନ୍ତରୀଣ ନିରାପତ୍ତାର ସୁରକ୍ଷା ଓ ନ୍ୟାୟ ବ୍ୟବସ୍ଥାର ସୁପରିଚାଳନା ପାଇଁ **3965 କୋଟି 20 ଲକ୍ଷ** ଟଙ୍କାର ବ୍ୟୟ ବରାଦ

କରାଯାଇଛି । ଏହି ବ୍ୟୟ ବରାଦ ଅଧୀନରେ ନ୍ୟାୟାଳୟ ଗୃହ ଗୁଡ଼ିକର ନିର୍ମାଣ ପାଇଁ 100 କୋଟି, ପୋଲିସ ଥାନା ଗୁଡ଼ିକର ଗୃହ ନିର୍ମାଣ, ପୋଲିସ ମାନଙ୍କର ଆବାସିକ ଗୃହ ନିର୍ମାଣ ଏବଂ ସରଞ୍ଜାମ କ୍ରୟ ପାଇଁ 100 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହା ବ୍ୟତୀତ କାରାଗାର ସଂସ୍ଥା ଓ ଅଗ୍ନିଶମ ସଂସ୍ଥା ଗୁଡିକର ସାମଗ୍ରୀକ ଉନ୍ନତି ପାଇଁ 30 କୋଟି ଏବଂ 20 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

19.1.1 ଚିକିତ୍ସା ଉଦ୍ଦେଶ୍ୟରେ ଯାଉଥିବା ବ୍ୟକ୍ତି, ତୀର୍ଥଯାତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କର ଚେନ୍ନାଇ ଠାରେ ସ୍ୱଳ୍ପ ରହଣି ବ୍ୟବସ୍ଥା ପାଇଁ ଓଡ଼ିଶା ଭବନ ନିର୍ମାଣ ନିମିତ୍ତ 10 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

## 19.2 **ରାଜସ୍ୱ ଓ ବିପର୍ଯ୍ୟୟ ପରଚାଳନା ବିଭାଗ**

ଆମ ରାଜ୍ୟ ପ୍ରାକୃତିକ ଦୁର୍ବିପାକର ସଫଳ ଭାବେ ମୁକାବିଲା କରି ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ମାନ୍ୟତା ହାସଲ କରିଛି । ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ନିଆଯାଇଥିବା ଉତ୍ତମ କାର୍ଯ୍ୟକ୍ରମ ଗୁଡିକର ଦୃଢୀକରଣ ସହିତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅଙ୍ଗୀକାରବଦ୍ଧ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ **3258 କୋଟି 87 ଲକ୍ଷ** ଟଙ୍କାର ବ୍ୟୟ ବରାଦ କରାଯାଇଛି । ଅଣଯୋଜନା କ୍ଷେତ୍ରରେ ରାଜ୍ୟ ଆପଦ ମୁକାବିଲା ପାଣ୍ଠି (State Disaster Response Fund) ପାଇଁ **1785 କୋଟି** ଟଙ୍କା ଏବଂ ଜାତୀୟ ଆପଦ ମୁକାବିଲା ପାଣ୍ଠି (National Disaster Response Fund) ପାଇଁ **320 କୋଟି** ଟଙ୍କା ବ୍ୟୟ ବରାଦ କରାଯାଇଛି । ବିଶ୍ୱ ବ୍ୟାଙ୍କ ସହାୟତାରେ **"ଓଡ଼ିଶା ବିପର୍ଯ୍ୟୟ**

**ପ୍ରଶମନ ପ୍ରକଳ୍ପ"** ପାଇଁ ରାଜ୍ୟ ଯୋଜନାରେ **352 କୋଟି** ଟଙ୍କାର ବ୍ୟୟ ବରାଦ କରାଯାଇଛି ।

19.3 **ସାଧାରଣ ପ୍ରଶାସନ ବିଭାଗ**

ଏହି ବିଭାଗରେ ଯୋଜନା ଓ ଅଣଯୋଜନା ପାଇଁ **240 କୋଟି 76 ଲକ୍ଷ** ଟଙ୍କା ବ୍ୟୟ ବରାଦ କରାଯାଇଛି ।

19.4 **ଶାସନ ପରିଚାଳନାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା**

ପ୍ରଶାସନରେ ସ୍ୱଚ୍ଛତା, ଦକ୍ଷତା, ସେବା ପ୍ରଦାନ ତଥା ଉତ୍ତମ ପ୍ରଶାସନ ପାଇଁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଏକ ପ୍ରମୁଖ ଆୟୁଧ ଅଟେ। ପ୍ରଶାସନ ବିଭାଗ ମାନଙ୍କରେ ବିଭିନ୍ନ ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧୀୟ ଯୋଜନା ପାଇଁ 329 କୋଟି 58 ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି । E & IT ବିଭାଗ ପାଇଁ କରାଯାଇଥିବା **130 କୋଟି 62 ଲକ୍ଷ** ଟଙ୍କାର ବ୍ୟୟ ବରାଦ ଏହା ମଧ୍ୟରେ ଅନ୍ତର୍ଗତ । ଏହା ଅଧୀନରେ ନିଆଯାଇଥିବା ଯୋଜନା ଗୁଡିକ ହେଲା - ସମାନ୍ତରାଳ ସଂଯୋଗୀକରଣ ଏବଂ ସୂଚନା ପ୍ରଯୁକ୍ତି ଭିତ୍ତିସଂରଚନା, ଭୁବନେଶ୍ୱରରେ IIIT ର ଭିତ୍ତି ଭୂମିର ବିକାଶ, INFOCITY-II-IT-SEZ ର ବିକାଶ, State Data Centre ପାଇଁ ଭିତ୍ତି ଭୂମିର ବିକାଶ, e-Governance କାର୍ଯ୍ୟକ୍ରମ ପାଇଁ PMU ର ପ୍ରତିଷ୍ଠା, ସଚିବାଳୟ ପାଇଁ ସ୍ୱୟଂ ଚାଳିତ ବ୍ୟବସ୍ଥା, BPO ଯୋଜନା, OCAC Tower/Software Technology Park (STPI) ର ପ୍ରତିଷ୍ଠା ପାଇଁ ଅନୁଦାନ ।

## 20. ଉତ୍ତମ ଆର୍ଥିକ ପରିଚାଳନା ପାଇଁ ଆନୁଷ୍ଠାନିକ ସଂସ୍କାର :-

20.1 ସରକାରୀ କ୍ଷେତ୍ରର ଆର୍ଥିକ ପରିଚାଳନା ବ୍ୟବସ୍ଥାର ଉନ୍ନତି ପାଇଁ ଆମେ ଅନେକ ପ୍ରକାରର ପଦକ୍ଷେପ ନେଇଛୁ । ମୁଁ ସେଥି ମଧ୍ୟରୁ କେତେକ ପଦକ୍ଷେପ ବାବଦରେ ଉଲ୍ଲେଖ କରିବି ।

20.2 ଆର୍ଥିକ ନୀତି ଏବଂ ଟିକସ ବ୍ୟବସ୍ଥା ପରିଚାଳନା ପାଇଁ ଉତ୍କର୍ଷ କେନ୍ଦ୍ର (Centre of Excellence in Fiscal Policy and Taxation)ର ପ୍ରତିଷ୍ଠା :-

ସରାକାରଙ୍କୁ ରାଜସ୍ୱ ଆଦାୟ, ଟିକସ ବ୍ୟବସ୍ଥା ଓ ବ୍ୟୟ ପରିଚାଳନା କ୍ଷେତ୍ରରେ ଗବେଷଣାଲବ୍ଧ ଜ୍ଞାନ ପ୍ରଦାନ ପାଇଁ ଆର୍ଥିକ ବର୍ଷ 2015-16 ର ବଜେଟ ଉପସ୍ଥାପନ ବେଳେ Xavier ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର ସହିତ ସହଯୋଗିତାରେ ଆର୍ଥିକ ନୀତି ଏବଂ ଟିକସ ବ୍ୟବସ୍ଥା ପରିଚାଳନା ପାଇଁ ଉତ୍କର୍ଷ କେନ୍ଦ୍ର (Centre Excellence in Fiscal Policy and Taxation) ସ୍ଥାପନ କରିବା ପାଇଁ ଘୋଷଣା କରାଯାଇଥିଲା । ମୁଁ ଏଠାରେ ଖୁସିର ସହ ଉଲ୍ଲେଖ କରିବାକୁ ଚାହୁଁଛି ଯେ ଏହି କେନ୍ଦ୍ର ଜୁଲାଇ, 2015 ଠାରୁ କାର୍ଯ୍ୟକ୍ଷମ ହୋଇଛି ଏବଂ ରାଜ୍ୟ ସରକାରଙ୍କ ସହିତ ଘନିଷ୍ଠ ସହଯୋଗିତାରେ କାର୍ଯ୍ୟକରୁଅଛି ।

20.3 ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା (Integrated Financial Management System)

ପୂର୍ତ୍ତ, ଜଙ୍ଗଲ, ପର୍ସନାଲ ଲେଜର (Personal Ledger) ଓ ପେନ୍‌ସନ୍ ସଂକ୍ରାନ୍ତୀୟ ସମସ୍ତ ଦେୟ ଅନ ଲାଇନ ଦେୟ ନିର୍ଦ୍ଦେଶ

ପଦ୍ଧତିରେ IFMS ଦ୍ୱାରା କାର୍ଯ୍ୟକ୍ଷମ କରାଯାଇଛି । ଏହା ଇଲେକ୍ଟ୍ରୋନିକ୍ସ ଦେୟ ନିର୍ଦ୍ଦେଶ ଗୁଡିକ ଭାରତୀୟ ରିଜର୍ଭ ବ୍ୟାଙ୍କର e-Kuber ମାଧ୍ୟମରେ NEFT (National Electronic Fund Transfer) ଦ୍ୱାରା ହିତାଧିକାରୀ ମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ତ୍ୱରିତ ଭାବେ ଅର୍ଥ ହସ୍ତାନ୍ତର କରିପାରୁଛି ।

ଅନ୍ୟାନ୍ୟ ସରକାରୀ ଦେୟ ଗୁଡିକୁ ଖୁବଶୀଘ୍ର e-Kuber ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇ ହିତାଧିକାରୀ ମାନଙ୍କୁ ସିଧା ସଳଖ ଭାବେ ଏବଂ ତ୍ୱରୀତ, ସୁରକ୍ଷିତ ଏବଂ ସ୍ୱୟଂଚାଳୀତ ଉପାୟରେ ପ୍ରଦାନ କରାଯାଇପାରିବ ।

ପୁର୍ତ୍ତ ବିଲ୍‌ରୁ ଭ୍ୟାଟ (VAT) ଓ ରୟାଲଟି ଦେୟବାବଦ ପରିମାଣକୁ କାଟି ସମୟାନୁସାରେ ଏବଂ ସଠିକ ଭାବେ ଦେୟ ପ୍ରାପ୍ତି ପାଇଁ Electronic TDSର ଆରମ୍ଭ କରାଯାଇଛି । ସାଇବର କୋଷାଗାରରେ ଇଲେକ୍‌ଟ୍ରୋନିକ ପ୍ରାପ୍ତି (Electronic Receipt) ଖୁବ ଶୀଘ୍ର ଭାରତୀୟ ରିଜର୍ଭ ବ୍ୟାଙ୍କ, ମୁମ୍ବାଇର e-Kuber Platform ରେ ଅନ୍ତର୍ଭୁକ୍ତ ହେବ ଯାହା ଦ୍ୱାରା ସରକାରୀ ପ୍ରାପ୍ତିର (Government Receipt) ହିସାବ ଓ ବିବରଣୀର ଦକ୍ଷତାକୁ ବୃଦ୍ଧି କରିବାରେ ସହାୟକ ହେବ ।

20.4 **ଧ୍ୟାନକେନ୍ଦ୍ରୀତ ବକେୟା ରାଜସ୍ୱ ଆଦାୟ ଅନୁଧ୍ୟାନ ବ୍ୟବସ୍ଥା (Focussed Arrear Recovery Monitoring System) :-**

ସୁସଂଗତ ଭାବରେ ବକେୟା ରାଜସ୍ୱର ଅନୁଧ୍ୟାନ ଏବଂ ଏହାର ଆଦାୟ ପାଇଁ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ । ଏହି ଆବଶ୍ୟକତାକୁ ଆଖିରେ ରଖି, 2015-16 ବର୍ଷର ବଜେଟ୍ ଉପସ୍ଥାପନ ବେଳେ ୱେବ୍ ପୋର୍ଟାଲ (Web Portal) ଜରିଆରେ ଧ୍ୟାନକେନ୍ଦ୍ରୀତ

ବକେୟା ରାଜସ୍ୱ ଆଦାୟ ଅନୁଧ୍ୟାନ ବ୍ୟବସ୍ଥା (Focussed Arrear Recovery Monitoring System) ସ୍ଥାପନ କରିବା ପାଇଁ ଘୋଷଣା କରାଯାଇଥିଲା । OMEGA Technical Assistance ଓ Support Team ର ବୈଷୟିକ ସହାୟତାରେ ଏହି ବ୍ୟବସ୍ଥାକୁ ବିକାଶ କରାଯାଇଛି । ମାର୍ଚ୍ଚ 2016 14 ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଅଛି ।

## 20.5 ସରକାରୀ ଖର୍ଚ୍ଚ ବ୍ୟବସ୍ଥାର ରୂପରେଖରେ ଉନ୍ନତି :-

ଚତୁର୍ଦ୍ଦଶ ଅର୍ଥ କମିଶନ ତାଙ୍କ ରିପୋର୍ଟର ଅନୁଚ୍ଛେଦ - 14.52 ରେ ସୁପାରିଶ କରିଛନ୍ତି ଯେ ପ୍ରକଳ୍ପ ଗୁଡିକ ମଧ୍ୟରେ ଉପଲବ୍ଧ ପାଣ୍ଠି ହାସଲ ପାଇଁ ଅନାବଶ୍ୟକ ପ୍ରତିଯୋଗିତା ଦ୍ୱାରା ବିକୃତ ଆବଣ୍ଟନକୁ ବନ୍ଦ କରିବା ଏବଂ ପୁଞ୍ଜି କ୍ଷେତ୍ରରେ ବିନିଯୋଗରୁ ଅର୍ଥନୈତିକ ସୁଫଳ ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ନୂତନ ଭାବେ ଆରମ୍ଭ ହେବାକୁଥିବା ପୁଞ୍ଜି କ୍ଷେତ୍ରରେ ନିବେଶ ଉପରେ ଏକ ଆଇନ ଅନୁମୋଦିତ ସୀମା ନିର୍ଦ୍ଧାରଣ କରାଯିବା ଉଚିତ । ଭାରତ ସରକାରଙ୍କ ଠାରୁ ଏ ସମ୍ବନ୍ଧରେ ସମ୍ପୁର୍ଣ୍ଣ ନିର୍ଦ୍ଦେଶାବଳୀ ମିଳିବାକୁ ଅପେକ୍ଷା କରିଥିବାବେଳେ, ଆମେ ଚାଲୁରହିଥିବା ପ୍ରକଳ୍ପ ଗୁଡିକୁ ସମ୍ପୁର୍ଣ୍ଣ କରିବାପାଇଁ ଅଗ୍ରାଧିକାର ଦେଉଛୁ । ଏହା ନିର୍ମାଣଧୀନ କାର୍ଯ୍ୟଗୁଡିକର ସମୟାନୁବର୍ତ୍ତୀ ସମ୍ପୂର୍ଣ୍ଣ ହେବାରେ ସାହାଯ୍ୟ କରିବ ଏବଂ ପ୍ରକଳ୍ପର ଆଭିମୂଖ୍ୟ ଅନୁଯାୟୀ ସୁଫଳ ସଠିକ ସମୟରେ ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇ ପାରିବ ।

20.6 **ଓଡିଶା ନଲେଜ ହବ** (Odisha Knowledge Hub):

ଆମ ରାଜ୍ୟର ବିକାଶ ସମ୍ବନ୍ଧୀୟ ସମସ୍ୟା ବିଭିନ୍ନ ଦୃଷ୍ଟିରୁ ସ୍ୱତନ୍ତ୍ର ଅଟେ । ଆମର ଭୌଗୋଳିକ ସ୍ଥିତି ଏବଂ ଜନସଂଖ୍ୟାର ଅଂଶ ବିଶେଷ ଦ୍ୱାରା ଏହା ନିୟନ୍ତ୍ରିତ । ଏହି ସମସ୍ୟା ସମ୍ବଳିତ ସମସ୍ତ କାର୍ଯ୍ୟକ୍ରମ ନିରବିଚ୍ଛିନ୍ନ ଭାବେ ଅନୁଧ୍ୟାନ ହେବା ଦରକାର । ପରିବର୍ତ୍ତୀତ ରୂପ ନିର୍ଦ୍ଦେଶନ ସହ ଏହା ସମତାଳ ହେବା ଆବଶ୍ୟକ । ନୂତନ ଉପକ୍ରମ ହିସାବରେ ଆମ ରାଜ୍ୟରେ **"Odisha Knowledge Hub"** ର ଏକ ବିରାଟ ପରିକଳ୍ପନା କରାଯାଇଛି ଏବଂ ପ୍ରାରମ୍ଭିକ ପଦକ୍ଷେପ ହିସାବରେ Odisha Knowledge Hub ବକ୍ତୃତା ମାଳା ଆରମ୍ଭ କରାଯାଇଛି । ଆମେ ବିଶ୍ୱାସ କରୁଛୁ ଯେ ସରକାରୀ ବ୍ୟବସ୍ଥାରେ ଶୁଣିବା ଓ ଶିଖିବାର ଏକ ସଂସ୍କୃତି ସୃଷ୍ଟି ପାଇଁ ଏହା ପ୍ରୋତ୍ସାହନ ଦେବ ।

20.7 **ଲିଙ୍ଗଗତ ବଜେଟ୍ ବ୍ୟବସ୍ଥା** :

ଆମେ ବିଗତ 3 ବର୍ଷ ଧରି ଲିଙ୍ଗଗତ ବଜେଟ୍‌କୁ କେବଳ 100 ପ୍ରତିଶତ ମହିଳା କୈନ୍ଦ୍ରୀକ ଯୋଜନା ଗୁଡିକୁ ନେଇ ପ୍ରସ୍ତୁତ କରିଆସୁଛୁ । କିନ୍ତୁ ଏ ବର୍ଷ ଆମେ ପ୍ରଥମ ଭାଗରେ ମହିଳା ମାନଙ୍କ ପାଇଁ 100 ପ୍ରତିଶତ ଅଟକଳ ଥିବା ଯୋଜନାକୁ ଅନ୍ତର୍ଭୁକ୍ତ କରିଥିବାବେଳେ ଦ୍ୱିତୀୟ ଭାଗରେ ଅତି କମରେ 30 ପ୍ରତିଶତ ଅଟକଳ ଆବଣ୍ଟନ ହେଇଥିବା ଯୋଜନା ଗୁଡିକୁ ଲିଙ୍ଗଗତ ବଜେଟ୍‌ରେ ନେଇଛୁ ଏବଂ ଏହା ବିଧାନ ସଭାରେ Budget at a Glance ର ବର୍ଦ୍ଧିତ ରୂପରେ ଉପସ୍ଥାପନା କରିବୁ ।

21. ବଜେଟ୍ ଅଟକଳ ଓ ବିତ୍ତୀୟ ଉତ୍ତର ଦାୟୀ ଓ ବଜେଟ୍ ପରିଚାଳନା ଆଇନ ସମ୍ବନ୍ଧୀୟ ଲକ୍ଷ :-

21.1 ଆମ ରାଜ୍ୟରେ 2016-17 ଆର୍ଥିକ ବର୍ଷରେ ରାଜସ୍ୱ ଖର୍ଚ୍ଚ 74443 କୋଟି 38 ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ତେଣୁ, ରାଜସ୍ୱ ହିସାବରେ ସନ୍ତୁଳନ ଆଣିବା ପରେ ଆମେ 3683 କୋଟି 34 ଲକ୍ଷ ଟଙ୍କାର ରାଜସ୍ୱ ବଳକା ହେବ ବୋଲି ଅନୁମାନ କରିଛୁ, ଯାହାକି ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦର 0.96 ପ୍ରତିଶତ ଅଟେ । ବିତ୍ତୀୟ ନିଅଣ୍ଟ 14532 କୋଟି 39 ଲକ୍ଷ ଟଙ୍କା ହେବାର ଆକଳନ କରାଯାଇଛି, ଯାହାକି ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦର 3.79 ପ୍ରତିଶତ ଅଟେ । କିନ୍ତୁ, ଯଦି UDAY ଯୋଜନା ପାଇଁ ନିଆଯାଇଥିବା 1196 କୋଟି 18 ଲକ୍ଷ ଟଙ୍କାର ବ୍ୟୟବରାଦକୁ ବାଦ୍ ଦିଆଯାଏ, ତେବେ ବିତ୍ତୀୟ ନିଅଣ୍ଟ 13336 କୋଟି 21 ଲକ୍ଷ ଟଙ୍କାକୁ ହ୍ରାସ ପାଇବ ଯାହାକି ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦର 3.48 ପ୍ରତିଶତ ଅଟେ । ଏହା ବିତ୍ତୀୟ ଉତ୍ତର ଦାୟୀ ଓ ବଜେଟ୍ ପରିଚାଳନା ଆଇନ ଅନ୍ତର୍ଗତ ବିତ୍ତିୟ ନିଅଣ୍ଟ ପାଇଁ ପ୍ରସ୍ତାବିତ ସୀମା 3.5 ପ୍ରତିଶତ ଠାରୁ କମ୍ ଅଟେ ।

21.2 ଋଣଭାର, 2016-17 ଆର୍ଥିକ ବର୍ଷ ଶେଷ ଭାଗ ସୁଦ୍ଧା 64991 କୋଟି 83 ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି ଯାହାକି ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦର 16.96 ପ୍ରତିଶତ ଅଟେ ।

## 22. ଉପସଂହାର

ଆମ ସମ୍ମୁଖରେ ବହୁବିଧ ସମସ୍ୟା ଉଭା ହୋଇଛନ୍ତି । ଅନେକ ବାଧା ଓ ସିମୀତ ପରିସୀମା ମଧ୍ୟରେ ବିଭିନ୍ନ କ୍ଷେତ୍ରର ପ୍ରାଥମିକତାକୁ ଧ୍ୟାନ ଦେଇ ଉପଲବ୍ଧ ସମ୍ବଳର ସର୍ବତୋଭାବେ ଉପଯୋଗ କରିବା ପାଇଁ ଆମେ ଚେଷ୍ଟା କରିଛୁ । ସମସ୍ତ ସମସ୍ୟାକୁ ପ୍ରତିହତ କରିବା ପାଇଁ ଓ ଆମର ପ୍ରିୟ ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବାକୁ ଆମେ ସଂକଳ୍ପ ବଦ୍ଧ । ମୁଁ ଆଶା କରୁଛି ଯେ, ଏହି ବଜେଟ୍ ସୁସଂଗଠିତ, ଏକକେନ୍ଦ୍ରିକ ଭାବରେ ଆଗକୁ ବଢିବାରେ ଆମର ପ୍ରତିବଦ୍ଧତାର ଏକ ପ୍ରତିଫଳନ । ଏଥି ସହିତ ମୁଁ ଏହି ବଜେଟ୍‌କୁ ଓଡିଶାର ଜନସାଧାରଣଙ୍କୁ ଉତ୍ସର୍ଗ କରୁଛି ।

**ବନ୍ଦେ ଉତ୍କଳ ଜନନୀ**

**|| ଜୟ ହିନ୍ଦ୍ ||**

***